ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweeker स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 5 | 02 - 08 February 2025 | Sambalpur | Pages- 8 | Invitation Price Rs.10

# ସମ୍ବଲପୁରରେ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ











ସମ୍ବଲପୁର : ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ପାଲା କଳାକାର ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ଉଦ୍‌ଘାଟନ କରିଥିଲେ । ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଢେଙ୍କାନାଳ ଜିଲ୍ଲା ମହିମା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଦୁର୍ଗା ମାଧବ ପୃଷ୍ଟି, ଜଗତସିଂହପୁର ଜିଲ୍ଲାର ବିଶିଷ୍ଟ ପାଲା ଗାୟକ ନାରାୟଣ ମହାରଣା, ସାହିତ୍ୟିକ ତଥା ନାଟ୍ୟକାର ନିରଞ୍ଜନ ପଟ୍ଟନାୟକ, ସମଲେଶ୍ୱରୀ ପାଲା ପରିଷଦର ସଭାପତି ରାଧେଶ୍ୟାମ ପଣ୍ଡା ଓ ବିଶିଷ୍ଟ ପାଲା ପ୍ରେମୀ ଡାକ୍ତର ଧନୀରାମ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଏହି ଅବସରରେ ନୂଆପଡା ଜିଲ୍ଲାର ଗାୟକ ଅର୍ଜୁନ ଛତ୍ରିଆ, ବୌଦ୍ଧ ଜିଲ୍ଲାର ଗାୟକ ବାଞ୍ଛାନିଧି ପ୍ରଧାନ, ବରଗଡ଼ ଜିଲ୍ଲାର ଗାୟକ ଅବିନ କୁମାର ସାହୁ ଓ ବାୟକ ବିଜୟ ନାୟକ, ସମ୍ବଲପୁର ଜିଲ୍ଲାର ଗାୟକ ଶିବ ଶଙ୍କର ପଣ୍ଡା, ପୃଥୁଳ ଝାଙ୍କର ଓ ପାଳିଆ ନୀଳକଣ୍ଠ ପାତ୍ର, ଝାରସୁଗୁଡା ଜିଲ୍ଲାର ଗାୟକ ଶୁକ୍ରୁ ମେହେର ଏବଂ ସୁନ୍ଦରଗଡ଼ ଜିଲ୍ଲାର ପାଳିଆ ଜନକରାମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉତ୍ସବରେ ଆୟୋଜକ 'ସ୍ୱୀକାର'ର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଗୋପୀନାଥ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଦିନ ଅର୍ଜୁନ ଛତ୍ରିଆ, ଶେଷଦେବ ଦନ୍ତା, ଶୁକ୍ରୁ ମେହେର ଓ ଗୋକୁଳାନନ୍ଦ ଭୋଇଙ୍କ ଦଳ ପାଲା ପରିବେଷଣ କରିଥିଲେ । ଦ୍ୱିତୀୟ ଦିବସରେ ପ୍ରଫେସର ସେବକ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ 'ପାଲାର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଝାରସୁଗୁଡାର ଅଣ୍ଡାରାମ ଭୋଇ, ସୁନ୍ଦରଗଡ଼ର ଫକିର ମୋହନ ବାଡ଼ା, ବରଗଡ଼ର ଶେଷଦେବ ଦନ୍ତା, ବୌଦ୍ଧର ବାଞ୍ଛାନିଧି ପ୍ରଧାନ, କଟକର ଶରତ ଚନ୍ଦ୍ର ଦଳେଇ, ମାନସରାଉତ, ସୁବର୍ଣ୍ଣପୁରରମାଗୁଣୀଚରଣମହାକୁଡ଼, ଦେବଗଡ଼ର ସରସ୍ୱତୀ କିଷାନ, ସମ୍ବଲପୁରର ପୃଥୁଳ ଝାଙ୍କର, କମଳାକାନ୍ତ ନାଏକ, ବଲାଙ୍ଗୀରର ଦେବରାଜ ପଣ୍ଡା, ଝାରସୁଗୁଡାର ଗଙ୍ଗାଧର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା ଓ ତ୍ରିବିକ୍ରମ ପ୍ରଧାନ, ଜଗତସିଂହପୁରର ନାରାୟଣ ମହାରଣା, ଢେଙ୍କାନାଳର ଡକ୍ଟର ଦୁର୍ଗାମାଧବ ପୃଷ୍ଟି, ବୁର୍ଲାର ନାଟ୍ୟକାର ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ଭାଗ ନେଇ ପାଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ପରମାଣପୁରର ରାହାସ ବିହାରୀ ନାଥଙ୍କ 'ଗୀତ ପସରା' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା ।

**ଅବଶିଷ୍ଟାଂଶ ୮ମ ପୃଷ୍ଠାରେ**












## ଏ ସଂଖ୍ୟାରେ..



ଔଷଧରେ ଭରପୁର କଞ୍ଚାଲଙ୍କା


ଗୋଲମରିଚର ଔଷଧୀୟ ଗୁଣ


ହିଙ୍ଗୁ ପାଣିର ଫାଇଦା


ଚିନି ବଢ଼ାଇପାରେ ବୟସ୍କଙ୍କ ସ୍ମୃତିଶକ୍ତି


କ୍ୟାନସର ଦୂର କରେ ପିଆଜ


ହଳଦୀର ଉପକାରିତା

ବର୍ଷ ୭୯, ସଂଖ୍ୟା - ୫, ୨ - ୮ ଫେବୃଆରୀ ୨୦୨୫

# ନୂଆ ଶିକ୍ଷାନୀତି: ରୂପାୟନ ଓ ଆହ୍ୱାନ

ଜାତୀୟ ଶିକ୍ଷା ନୀତି-୨୦୨୦ କାର୍ଯ୍ୟକାରୀ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ବେଳେ ଏହାର କାର୍ଯ୍ୟକାରିତାକୁ ନେଇ ବିରୋଧାଭାସ ସୃଷ୍ଟି ହୋଇଛି । ଇତିମଧ୍ୟରେ ତାମିଲନାଡୁ ଓ କର୍ଣ୍ଣାଟକ ସରକାର ନୂତନ ଶିକ୍ଷା ନୀତି କାର୍ଯ୍ୟକାରୀ ନ କରିବାକୁ ଘୋଷଣା କରିଛନ୍ତି । ନୂଆ ଜାତୀୟ ଶିକ୍ଷାନୀତିରେ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ମହତ୍ ଲକ୍ଷ୍ୟ ରଖାଯାଇଛି । ତେବେ ଇତିମଧ୍ୟରେ ପ୍ରକାଶିତ ଶିକ୍ଷା ସଂକ୍ରାନ୍ତ ବାର୍ଷିକ ସ୍ଥିତାବସ୍ଥା ରିପୋର୍ଟ (ଗ୍ରାମାଞ୍ଚଳ) ୨୦୨୪ରେ ଦର୍ଶାଯାଇଛି ଯେ ସରକାରୀ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଅଭିଭାବକମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୪୦% ତୃତୀୟ ଶ୍ରେଣୀ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀ ପୁସ୍ତକ ସଠିକ୍ ଭାବେ ପଢ଼ିପାରୁ ନାହାନ୍ତି । ତୃତୀୟ ଶ୍ରେଣୀର ୭୦% ପିଲା ଫେଡ଼ାଣ କରିପାରୁ ନାହାନ୍ତି । ଅତୀତରେ ଅଣଆନୁଷ୍ଠାନିକ ଶିକ୍ଷା, କଳାପଟା ଅଭିଯାନ, ସର୍ବଶିକ୍ଷା ଅଭିଯାନ ଆଦି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ସତ୍ତ୍ୱେ ପିଲାଙ୍କ ଜ୍ଞାନର ଏପ୍ରକାର ମାନ ଚିନ୍ତାର ବିଷୟ । ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ/ଶିକ୍ଷୟିତ୍ରୀ ଅଭାବ ଏକ ଚିରାଚରିତ ସମସ୍ୟା । ଛାତ୍ରାବାସ, ମଧ୍ୟାହ୍ନ ଭୋଜନ ଚଳାଇବା, ଅଭିଭାବକ ବୈଠକ କରାଇବା ଆଦିରେ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ବହୁ ସମୟ ବିତିଯାଉଥିବା ଦେଖାଯାଉଛି ।

ଦେଶରେ ଶେଷ ଶିକ୍ଷା ନୀତି ପ୍ରଣୟନ ହୋଇଥିଲା ୧୯୮୬ ମସିହାରେ । ଏହାର ୩୪ ବର୍ଷ ପରେ ଆଉ ଏକ ଶିକ୍ଷା ନୀତି ପ୍ରଣୟନ କରାଗଲା ୨୦୨୦ ମସିହାରେ । ତେବେ ଏହି ୩୪ ବର୍ଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ କି ପ୍ରଗତି ଘଟିଛି ତାହାର କୌଣସି ମୂଲ୍ୟାୟନ ନୂତନ ଶିକ୍ଷା ନୀତି ଇସ୍ତାହାରରେ ଦର୍ଶାଯାଇ ନାହିଁ କି ପୂର୍ବ ଶିକ୍ଷା ନୀତିର କେଉଁ କେଉଁ ଦିଗ ସଫଳ ହୋଇଛି ଓ କେଉଁଟି ବିଫଳ ହୋଇଛି ତାହାର ତଥ୍ୟ ନାହିଁ । ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ସତ୍ତ୍ୱେ ପିଲାମାନେ କ'ଣ ପାଇଁ ବିଦ୍ୟାଳୟମୁହାଁ ହେଉନାହାନ୍ତି ତାହାର କାରଣ ଖୋଜିବା ପାଇଁ ମଧ ନୂତନ ଶିକ୍ଷାନୀତିରେ ପ୍ରୟାସ କରାଯାଇନାହିଁ । ପ୍ରତି ୫ ବର୍ଷରେ ଶିକ୍ଷାନୀତିର ସମୀକ୍ଷା ପାଇଁ ପୂର୍ବ ଶିକ୍ଷାନୀତିରେ ସୁପାରିଶ କରାଯାଇଥିଲା । କିନ୍ତୁ ତାହା ବଦଳରେ କେନ୍ଦ୍ର ସରକାର ନୂଆ ଶିକ୍ଷାନୀତି ପ୍ରଣୟନ କଲେ ।

'ଆନନ୍ଦଦାୟକ ଶିକ୍ଷା' ପୂର୍ବ ଶିକ୍ଷାନୀତିରେ ରହିଥିଲା, ନୂଆ ଶିକ୍ଷାନୀତିରେ ମଧ ରହିଛି । କିନ୍ତୁ ଆମକୁ ଗ୍ରହଣ କରିବାକୁ ପଡ଼ିବ ଯେ ବିଦ୍ୟାଶିକ୍ଷା ବା ଅଧ୍ୟୟନ ଆଦୌ ଏକ ଆନନ୍ଦଦାୟକ ବିଷୟ ନୁହେଁ । ଏ କଥା ଶୁଣିବାକୁ ସୁନ୍ଦର ଲାଗିପାରେ, କିନ୍ତୁ ଏଥିରେ ବାସ୍ତବତା ନାହିଁ । ଶିକ୍ଷା ଆନନ୍ଦଦାୟକ ହେଲେ ଏହା ପ୍ରମୋଦ ବା ମନୋରଞ୍ଜନର ବିଷୟ ହୋଇଯିବ । ଆମୋଦପ୍ରମୋଦ ନିମନ୍ତେ କ୍ରୀଡ଼ା ରହିଛି । ଅଧ୍ୟୟନରେ ଚାପ ନେବାକୁ ପଡ଼ିବ, ଏଥିପାଇଁ ନିର୍ଦ୍ଦିଷ୍ଟ ଭାବେ ସମୟ ଦେବାକୁ ପଡ଼ିବ । ପାଠ ବୁଝିବାକୁ ପଡ଼ିବ, ମସ୍ତିଷ୍କ ପ୍ରୟୋଗ କରିବାକୁ ପଡ଼ିବ, ସ୍ମରଣ ରଖିବାକୁ ହେବ । ଏଣୁ କଷ୍ଟ ନକରି ଆନନ୍ଦରେ ବିଦ୍ୟାଲାଭ ହୋଇପାରିବ ନାହିଁ । ଏଣୁ ଶିକ୍ଷା ଆମୋଦପୂର୍ଣ୍ଣ ହେବା ଏକ ଭ୍ରମାତ୍ମକ ତତ୍ତ୍ୱ । ପୂର୍ବରୁ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟରେ ରଙ୍ଗୀନ 'ମୋ ଛବି ବହି' ପ୍ରଚଳନ ଥିଲା । ଏହା କ'ଣ ଆନନ୍ଦଦାୟକ ଶିକ୍ଷାର ଏକ ଅଂଶ ନୁହେଁ ?


ସମ୍ପ୍ରତି ଦଣ୍ଡମୁକ୍ତ ଶିକ୍ଷା ପ୍ରଚଳିତ ରହିଛି । ଦଣ୍ଡମୁକ୍ତ ଶିକ୍ଷା ଯୋଗୁଁ ଶିକ୍ଷାନୁଷ୍ଠାନ ପରିସର ଅନୁଶାସନହୀନ ହୋଇପଡ଼ିଛି । ପିଲା ଯାହା କଲେ ମଧ ଶିକ୍ଷକମାନେ ସେଥିରୁ ନିଜକୁ ଦୂରେଇ ରଖିବା ପାଇଁ ଚାହୁଁଛନ୍ତି । ଦଣ୍ଡ, ଅନୁଶାସନ, ନିର୍ଯ୍ୟାତନା ମଧ୍ୟରେ ଫରକ ନିର୍ଦ୍ଧାରଣ କରିବାକୁ ପଡ଼ିବ । ପିଲାକୁ ଶୃଙ୍ଖଳିତ ବା ଅନୁଶାସିତ କରିବା ଉଦ୍ଦେଶ୍ୟରେ ଯଦି ମା'ଚାପୁଡ଼ାଟିଏ ମାରେ ତା'ହାଲେ ତା'କୁ ଯଦି ଆମେ ଦଣ୍ଡ ବୋଲି କହିବା, ସେ ଦଣ୍ଡ ଗ୍ରହଣୀୟ ହେବା ଉଚିତ୍ । ତେବେ କେତେକ କ୍ଷେତ୍ରରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦଣ୍ଡର ମାତ୍ରା ଅଧିକ ହୋଇ ଯାଇଥାଏ, ଯାହା ଶରୀରକୁ ପ୍ରଭାବିତ କରିଥାଏ । ଏ ସଂଖ୍ୟା ନଗଣ୍ୟ । ନଗଣ୍ୟ ସଂଖ୍ୟକ ଘଟଣା ପାଇଁ ସମଗ୍ର ବ୍ୟବସ୍ଥାକୁ ଯେଉଁ ଦିନଠାରୁ ଅନୁଶାସନବିହୀନ କରାଗଲା ସେବେଠାରୁ ଶିକ୍ଷକଙ୍କ ପ୍ରତି ବିଦ୍ୟାର୍ଥୀଙ୍କ ଆଉ ଭୟ ରହିଲା ନାହିଁ । ଯେଉଁଠି ଭୟ ନାହିଁ, ସେଠି ଶୃଙ୍ଖଳା ଆସିବ କେଉଁଠୁ ?

ଦେଶରେ ଅନେକ ପିତମାତା, ଅଭିଭାବକ ଅଛନ୍ତି, ଯେଉଁମାନଙ୍କ ଶିକ୍ଷାଗତ ଯୋଗ୍ୟତା ବିଦ୍ୟାଳୟର ଶିକ୍ଷକଙ୍କଠାରୁ ମଧ ଅଧିକ । ତଥାପି ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟ ଯିବାକୁ ପଡ଼ିଥାଏ । କାରଣ ଏହା ଏକ ଆନୁଷ୍ଠାନିକ ବ୍ୟବସ୍ଥା । ପିତାମାତାଙ୍କର ସମସ୍ତ କଥା ଘରେ ପିଲା ଶୁଣି ନ ଥାଏ । ସ୍ନେହମମତାର ଡୋରୀରେ ଅଭିଭାବକମାନେ ପିଲା ଉପରେ ସମସ୍ତ ବିଷୟ ଜାହିର କରିପାରନ୍ତି ନାହିଁ ଓ କିନ୍ତୁ ବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତି ଭୟ ଯୋଗୁଁ ତା'ର ବୁଦ୍ଧିର ବିକାଶ ଘଟିଥାଏ । ସାଙ୍ଗସାଥୀଙ୍କ ମେଳରେ ଖେଳିବା ଓ ପଢ଼ିବା ଦ୍ୱାରା ତା'ର ସାମାଜିକ ଓ ଗୋଷ୍ଠୀଗତ ଜ୍ଞାନ ପ୍ରସ୍ଫୁଟିତ ହୋଇଥାଏ ।

ପିଲାଙ୍କ ଦ୍ୱାରା ବିଦ୍ୟାଳୟ ସଫେଇକୁ ବର୍ତ୍ତମାନର ଶିକ୍ଷା ନୀତିରେ 'ଶାରୀରିକ କାମ' ବୋଲି କୁହାଯାଉଛି ଏବଂ ଏଥିପାଇଁ ଶିକ୍ଷକଙ୍କୁ ଜବାବ ତଲବ କରାଯାଉଛି । ଏ କି ପ୍ରକାର ଶିକ୍ଷାନୀତି ? ଏହାଦ୍ୱାରା ଶିଶୁର ଚେତନା ସ୍ତର'ବାଧାପ୍ରାପ୍ତ ହେଉ ନାହିଁ କି ? ନୂଆ ଶିକ୍ଷାନୀତିର ଢାଞ୍ଚା ୫+୩+୩+୪ ରଖାଯାଇଛି । ୧ମ, ୨ୟ ଶ୍ରେଣୀ ସହ ପ୍ରାକ୍ ପ୍ରାଥମିକର ୩ ବର୍ଷ ମିଶାଯାଇ ଏହାକୁ ୫ ବର୍ଷ କରାଯାଇଛି । ଏହାକୁ 'ଫାଉଣ୍ଡେସନ' ବା 'ଭିତ୍ତି ସୋପାନ' ବୋଲି କୁହାଯାଉଛି । ସେହିପରି ତୃତୀୟ ଚତୁର୍ଥ, ପଞ୍ଚମ ଶ୍ରେଣୀକୁ ମିଶାଇ 'ପ୍ରିପାରେଟୋରୀ' ବା 'ପ୍ରସ୍ତୁତି' କୁହାଯାଇଛି । ୬ଷ୍ଠ, ୭ମ ଓ ୮ମକୁ ମିଶାଇ 'ମିଡଲ୍' ବା 'ମଧ୍ୟମ' ସୋପାନ ଏବଂ ନବମ, ଦଶମ, ଏକାଦଶ ଓ ଦ୍ୱାଦଶକୁ 'ମାଧ୍ୟମିକ' ସୋପାନ ବୋଲି କୁହାଯାଉଛି । ପୂର୍ବ ଶିକ୍ଷାନୀତିର ଢାଞ୍ଚା ଥିଲା ୧୦+୨ । ଅର୍ଥାତ ସ୍ନାତକ ପୂର୍ବରୁ ୧୨ ବର୍ଷ ଆନୁଷ୍ଠାନିକ ଶିକ୍ଷା ଅଧ୍ୟୟନ । ଚଳିତ ଶିକ୍ଷାନୀତିରେ ପ୍ରାକ୍ ପ୍ରାଥମିକ ବା ଅଙ୍ଗନବାଡ଼ି ପର୍ଯ୍ୟାୟ ୩ ବର୍ଷକୁ ବାଦ ଦେଲେ ଏହା ମଧ ସେହି ୧୨ ବର୍ଷ ହେଉଛି । ବୟସ ସମାନ, ସମୟ ଏକା । କହିବାକୁ ଗଲେ ନୂଆ ବୋତଲରେ ପୁରୁଣା ପାନୀୟ ସଦୃଶ । ବିଦ୍ୟାଳୟରେ ପୁନର୍ବାର ଫେଲ ବ୍ୟବସ୍ଥା ପ୍ରଚଳନ ପାଇଁ ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଅଧାରୁ ପାଠ ଛାଡ଼ିବା ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି ।

ଆଞ୍ଚଳିକ ଭାଷାରେ ଶିକ୍ଷା ପ୍ରଦାନ ନୂଆ ନୀତିର ଅନ୍ୟ ଏକ ଦିଗ । ଏବେ ଯେଉଁ କିଛି ପାଠ୍ୟପୁସ୍ତକ ଆଞ୍ଚଳିକ ଭାଷାରେ ଅନୁବାଦ ହୋଇଛି, ସେଥିମଧ୍ୟରୁ ଅଧିକାଂଶ ଗୁଗୁଲ ଭାଷାରେ ହୋଇଛି । ଓଡ଼ିଆ ଅନୁବାଦରେ ବ୍ୟାପକ ତ୍ରୁଟି ଯୋଗୁଁ 'ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ'ଙ୍କୁ କେତେକ ପରୀକ୍ଷା ଇତିମଧ୍ୟରେ ବାତିଲ କରିବାକୁ ପଡ଼ିଛି । ଅନୁବାଦରେ ଅଜଣା ଅଶୁଣା ଭାଷାର ପ୍ରୟୋଗ ପାଠ୍ୟକ୍ରମ ବୁଝିବାରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ଆଞ୍ଚଳିକ ଭାଷାରେ ଉଚ୍ଚଶିକ୍ଷା ଦ୍ୱାରା ଭାରତୀୟ ଛାତ୍ରଛାତ୍ରୀ ଆନ୍ତର୍ଜାତିକ ପ୍ରତିଯୋଗିତାରେ ସମସ୍ୟାର ସମ୍ମୁଖୀନ ହେବେ । ଇତିମଧ୍ୟରେ ସରକାର ତରବରିଆ ଭାବେ ଏନ୍‌ସିଇଆରଟି ଜରିଆରେ ପାଠ୍ୟପୁସ୍ତକରେ ସଂଶୋଧନ ପାଇଁ ପଦକ୍ଷେପ ନେଇଛନ୍ତି । ପାଠ୍ୟକ୍ରମରେ ସନ୍ତୁଳନ ରକ୍ଷା ପାଇଁ ଏହା କରାଯାଉଛି ବୋଲି କୁହାଯାଉଛି ।

ନୂଆ ଶିକ୍ଷାନୀତିରେ ଧନ୍ଦାମୂଳକ ଶିକ୍ଷା ଓ ଡିଜିଟାଲ ପ୍ରଯୁକ୍ତିର ପ୍ରୟୋଗକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଦେଖିବାକୁ ଗଲେ ଧନ୍ଦାମୂଳକ ଶିକ୍ଷା ମୂଳରୁ ରହିଛି । ୮୦ ଦଶକରେ ଯେଉଁ ବିଦ୍ୟାର୍ଥୀ ମାଧ୍ୟମିକ ସ୍ତରରେ ଭଲ ଫଳାଫଳ କରୁ ନ ଥିଲେ ସେମାନେ ପ୍ରାୟତଃ ପରବର୍ତ୍ତୀସ୍ତରର ଶିକ୍ଷା ଭାବେ ଧନ୍ଦାମୂଳକ ପାଠ୍ୟକ୍ରମକୁ ଗ୍ରହଣ କରୁଥିଲେ । ଏଥିପାଇଁ ପ୍ରତି ରାଜ୍ୟରେ ଶିଳ୍ପ ତାଲିମ ପ୍ରତିଷ୍ଠାନ (ଆଇଟିଆଇ) ଓ ଡିପ୍ଲୋମା ଶିକ୍ଷାନୁଷ୍ଠାନ ଅନେକ ଦିନରୁ ରହିଆସିଛି । ୧୯୮୦ ମସିହା ପୂର୍ବରୁ ବିଦ୍ୟାଳୟରେ କୃଷି ବିଜ୍ଞାନ ପାଠ୍ୟକ୍ରମରେ ରହିଥିଲା । ଡିଜିଟାଲ ଶିକ୍ଷାଦାନ ଉପରେ ଯେଉଁ ଗୁରୁତ୍ୱ ଦିଆଯାଇଛି ତାହାର ସଫଳତା ଭବିଷ୍ୟତରେ ହିଁ ଜଣାପଡ଼ିବ । ଗ୍ରାମାଞ୍ଚଳରେ ଟେଲିଯୋଗାଯୋଗ ଓ ଇଣ୍ଟରନେଟ ଆଦିର ସମସ୍ୟା ରହିଛି । ଆଇଆଇଟି ପରି ଦେଶର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନର ୱେବସାଇଟ ଦୀର୍ଘସମୟ ଧରି ଅଚଳ ହୋଇ ପଡୁଥିବା ଦେଖାଯାଉଛି । ଏଣୁ ଡିଜିଟାଲ ଶିକ୍ଷାଦାନ ପାଇଁ ଭିତ୍ତିଭୂମି ପ୍ରଥମେ ପ୍ରସ୍ତୁତ କରାଯାଉ । କେବଳ ନୂଆ କୋଠା ନିର୍ମାଣ ସହ କିଛି ଇଲେକଟ୍ରୋନିକ୍ସ ସରଞ୍ଜାମ ବିଦ୍ୟାଳୟରେ ରଖିଦେଲେ ଠିକାଦାର ଓ ଯୋଗାଣକାରୀ ସଂସ୍ଥା ଉପକୃତ ହୋଇପାରନ୍ତି, କିନ୍ତୁ ବିଦ୍ୟାର୍ଥୀ ଉପକୃତ ହୋଇପାରିବେ ନାହିଁ । ନିରନ୍ତର ବିଦ୍ୟୁତ ସରବରାହ ନିଶ୍ଚିତ କରିବା ପାଇଁ ବିଦ୍ୟାଳୟକୁ ଡିଜି ସେଟ୍ ଯୋଗାଣ ସହ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ କର୍ମଚାରୀ ନିଯୁକ୍ତ କରାଯିବା ଆବଶ୍ୟକ । ତେବେଯାଇ ନୂତନ ଶିକ୍ଷା ନୀତି କେତେକାଂଶରେ ଉପଯୋଗୀ ସାବ୍ୟସ୍ତ ହୋଇପାରିବ ।



## ଧର୍ମଘଟ ଓ ରାଜନୀତି

**ମହାତ୍ମା ଗାନ୍ଧୀ**

ମୁଁ କ'ଣ ଏ କଥା କହିନାହିଁ ଯେ, ଯଦି ଶ୍ରମିକ ଶ୍ରେଣୀ ନିଜର ଶକ୍ତିକୁ ପ୍ରକୃତରେ ଜାଣିବ ଏବଂ ବିବେକର ସହିତ ତଥା ରଚନାତ୍ମକ ଭାବରେ ତାହାକୁ କାର୍ଯ୍ୟରେ ଲଗାଇ ପାରିବ, ତେବେ ସେ ନିଜେ ହିଁ ଯଥାର୍ଥ ଶାସକରୂପେ ପ୍ରତିଷ୍ଠିତ ହୋଇପାରିବ ଏବଂ ମାଲିକମାନେ କେବଳ ସେମାନଙ୍କର ମାରଫତଦାର ହୋଇ ରହିବେ ଓ ପ୍ରୟୋଜନ ତଥା କାର୍ଯ୍ୟବେଳେ ସେମାନଙ୍କର ବନ୍ଧୁ ହୋଇ ରହିବେ । ପୃଥିବୀର ଗର୍ଭରୁ ଶ୍ରମିକମାନେ ଯେଉଁ ସୁନା ଓ ରୂପାକୁ ଖୋଳି ବାହାର କରୁଛନ୍ତି, ସେହି ପୁଞ୍ଜିଠାରୁ ଶ୍ରମହିଁ ହେଉଛି ଏକ ଅଧିକ ଯଥାର୍ଥ ପୁଞ୍ଜି ବୋଲି ଶ୍ରମିକଶ୍ରେଣୀ ଯେତେବେଳେ ଉପଲବ୍ଧି କରିବେ, କେବଳ ସେତିକି ବେଳେ ଯାଇ ଏହି ସୁଖକର ସ୍ଥିତି ସମ୍ଭବ ହୋଇପାରିବ ।

ଯଦି ଉତ୍ତମରୂପେ ସମ୍ପାଦିତ ହୋଇଥିବା କର୍ତ୍ତବ୍ୟକୁ ହିଁ ପ୍ରତ୍ୟେକ ଅଧିକାରର ଜନନୀ ବୋଲି କୁହାଯିବ, ତେବେ ସେହି ଅଧିକାର ଉପରେ କେହି କଦାପି ଆକ୍ରମଣ କରି ପାରିବ ନାହିଁ । ତେଣୁ, ମୋ' ନିଜ ଉପରେ ନ୍ୟସ୍ତ କରାଯାଉଥିବା କର୍ତ୍ତବ୍ୟଟିକୁ ମୁଁ ଯେତେବେଳେ ସଂପୂର୍ଣ୍ଣଭାବରେ ସମ୍ପାଦନ କରିବି, କେବଳ ସେତିକି ବେଳେ ଯାଇ ମୋ' ମଜୁରି ଉପରେ ମୋ'ର ଅଧିକାର ରହିବ । ନିଜର କାମଟି ନକରି ଯଦି ମୁଁ ମଜୁରି ନେବି, ତେବେ ଏହାକୁ ଚୋରି ବୋଲି କୁହାଯିବ । ଅଧିକାରଗୁଡିକ କର୍ତ୍ତବ୍ୟ ଉପରେ ହିଁ ନିର୍ଭରଶୀଳ ହୋଇ ରହିଛନ୍ତି ଏବଂ ସେହି କର୍ତ୍ତବ୍ୟରୁ ଉତ୍ସାରିତ ହୋଇ ଆସୁଛନ୍ତି ତେଣୁ କର୍ତ୍ତବ୍ୟର ସମ୍ପାଦନ ନ କରି ବାର ବାର ଅଧିକାରର ଦାବି କରାଗଲେ ମୁଁ ତାହାକୁ କଦାପି ସମର୍ଥନ କରିବି ନାହିଁ । ନ୍ୟାୟ ପାଇବା ନିମନ୍ତେ ଧର୍ମଘଟ ହେଉଛି ଶ୍ରମିକମାନଙ୍କର ଏକ ସ୍ୱାଭାବିକ ଅଧିକାର ବୋଲି ମୁଁ ଜାଣିଛି । ମାତ୍ର, ପୁଞ୍ଜିପତିମାନେ ନିଯୁକ୍ତ କରିବାର ନୀତିଟିକୁ ଗ୍ରହଣ କରିନେବା ସଙ୍ଗେ ସଙ୍ଗେ ହିଁ ତଥାପି ଧର୍ମଘଟ କରିବାକୁ ଏକ ଅପରାଧ ବୋଲି ବିଚାର କରାଯିବା ଉଚିତ ।

ଧର୍ମଘଟ ତ ଏବକାର ଏକ ପଦ୍ଧତିରେ ପରିଣତ ହୋଇଗଲାଣି । ବର୍ତ୍ତମାନ ବ୍ୟାପି ରହିଥିବା ବିକ୍ଷୋଭଗୁଡିକର ଧର୍ମଘଟ ହେଉଛି ଗୋଟିଏ ଲକ୍ଷଣ । ଏବେ ଯାବତୀୟ ପ୍ରକାରର ନିରର୍ଥକ ଧାରଣାକୁ ବାତାବରଣ ଭିତରକୁ ଛାଡି ଦିଆଯାଉଛି । ଏକ ଅବାସ୍ତବ ନିରର୍ଥକ ଆଶା ସମସ୍ତଙ୍କୁ ଅନୁପ୍ରେରିତ କରି ରଖୁଛି ଏବଂ ଯଦି ସେହି ଅବାସ୍ତବ ଆଶାଟି କୌଣସି ନିର୍ଦ୍ଦିଷ୍ଟ ଓ ବାସ୍ତବ ଆକାର ନ ନେଉଛି, ତାହାଦ୍ୱାରା ସଂପୃକ୍ତ ସମସ୍ତେ ଅତ୍ୟନ୍ତ ନିରାଶ ହୋଇପଡିବେ । ଅନ୍ୟ ଦେଶମାନଙ୍କ ପରି ଭାରତବର୍ଷର ଶ୍ରମିକ ସଂସାରଟି ସେମାନଙ୍କର ପରାମର୍ଶଦାତା ଏବଂ ପଥପ୍ରଦର୍ଶକର ଭୂମିକାରେ ରହିଥିବା ବ୍ୟକ୍ତିମାନଙ୍କର ମର୍ଜି ଉପରେ ନିର୍ଭର କରି ରହିଛି । ଏହି ବ୍ୟକ୍ତିମାନେ ସର୍ବଦା ସାଧୁତାର ସହିତ ମୋଟେ ଆପଣାର କର୍ତ୍ତବ୍ୟ କରନ୍ତି ନାହିଁ ଏବଂ ସାଧୁ ହୋଇଥିଲେ ମଧ ସର୍ବଦା ଆଦୌ ଉଚିତ ବିବେକବୁଦ୍ଧିର ପ୍ରୟୋଗ କରନ୍ତି ନାହିଁ । ଶ୍ରମିକମାନେ ଆପଣାର ଭାଗ୍ୟ ବିଷୟରେ ଅତ୍ୟନ୍ତ ବିରାଗପୂର୍ଣ୍ଣ ହୋଇ ରହିଥାନ୍ତି । ବିରାଗପୂର୍ଣ୍ଣ ଓ ଅସନ୍ତୁଷ୍ଟ ହୋଇ ରହିବା ପାଇଁ ସର୍ବଦା କେତେ କେତେ କାରଣ ରହିଥାଏ । ସେମାନେ ଯେ ପ୍ରଧାନତଃ ମାଲିକମାନଙ୍କର ଧନ ବଢ଼ାଇବା ଲାଗି ନିମିତ୍ତ ହୋଇ ରହିଛନ୍ତି, ଆପଣଙ୍କୁ ଏହିଭଳି ଏକ ଦୃଷ୍ଟିରେ ଦେଖିବାଲାଗି ଅତ୍ୟନ୍ତ ଯୁକ୍ତିଯୁକ୍ତ ଭାବରେ ସେମାନଙ୍କୁ ଶିକ୍ଷା ଦିଆ ଯାଇଥାଏ । ତେଣୁ, ଆପଣାର କାମ ବନ୍ଦ କରିବା ଲାଗି ସେମାନଙ୍କୁ ପ୍ରରୋଚିତ କରିବା ନିମନ୍ତେ ପ୍ରାୟ ଆଦୌ ଚେଷ୍ଟା କରିବାକୁ ପଡେ ନାହିଁ । ଦେଶର ରାଜନୀତିକ ସ୍ଥିତି ମଧ କ୍ରମେ ଭାରତବର୍ଷର ଶ୍ରମିକ ଉପରେ ପ୍ରଭାବ ପକାଇବାକୁ ଆରମ୍ଭ କରୁଛି । ଏପରି ଶ୍ରମିକ ନେତାମାନଙ୍କର ଆଦୌ ଅଭାବ ନାହିଁ, ଯେଉଁମାନେ କି ରାଜନୀତିକ ଉଦ୍ଦେଶ୍ୟ ଗୁଡିକର ସାଧନ ଲାଗି ଧର୍ମଘଟମାନ କରାଇ ଦିଆଯାଇ ପାରିବ ବୋଲି ବିଶ୍ୱାସ କରୁଛନ୍ତି ।

ମୋ' ମତରେ ଏଭଳି ଏକ ଉଦ୍ଦେଶ୍ୟ ସାଧନ ନିମନ୍ତେ ଶ୍ରମିକ ଧର୍ମଘଟଗୁଡିକୁ ବ୍ୟବହାର କଲେ ତାହା ଏକ ଅତ୍ୟନ୍ତ ସାଂଘାତିକ ଭୁଲ କଥା ହେବ । ଏସବୁ ଧର୍ମଘଟ ଯେ ରାଜନୀତିକ ଉଦ୍ଦେଶ୍ୟଗୁଡିକର ସାଧନ କରିପାରିବ, ସେ କଥା ମୁଁ ଅସ୍ୱୀକାର କରୁନାହିଁ । ମାତ୍ର, ଅହିଂସ ଅସହଯୋଗର ଯୋଜନା ଭିତରେ ତାହାଲାଗି କୌଣସି ସ୍ଥାନ ନାହିଁ । ଯେ ପର୍ଯ୍ୟନ୍ତ ଶ୍ରମିକମାନେ ଦେଶର ରାଜନୀତିକୁ ପରିସ୍ଥିତିକୁ ଉତ୍ତମଭାବରେ ବୁଝି ନାହାନ୍ତି ଏବଂ ସାଧାରଣ ହିତ ନିମନ୍ତେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇ ନାହାନ୍ତି, ସେ ପର୍ଯ୍ୟନ୍ତ ସେମାନଙ୍କୁ ରାଜନୀତିକ ଉଦ୍ଦେଶ୍ୟସାଧନ ପାଇଁ ବ୍ୟବହାର କରିବା ଯେ ଏକ ଅତ୍ୟନ୍ତ ବିପଜ୍ଜନକ କଥା ହେବ, ଏତିକି ବୁଝିବାଲାଗି ଆମକୁ ଆଦୌ ଖୁବ୍ ବେଶୀ ବୌଦ୍ଧିକ ଉଦ୍ୟମ କରିବାକୁ ପଡ଼ିବ ନାହିଁ । ସେମାନଙ୍କଠାରୁ ଏହା ହଠାତ୍ କ୍ୱଚିତ୍ ଆଶା କରାଯାଇ ପାରିବ ଏବଂ ଏକ ସମୁଚିତ ଉପାୟରେ ସେମାନେ ଯେପରି ନିଜର ଉଦରସଂସ୍ଥାନ କରିପାରିବେ, ସେଥିଲାଗି ସେମାନଙ୍କର ନିଜ ଅବସ୍ଥାର ଉନ୍ନତିବିଧାନ ସମ୍ଭବ ହୋଇ ପାରିବା ପର୍ଯ୍ୟନ୍ତ ଅବଶ୍ୟ ଅପେକ୍ଷା କରିବାକୁ ହେବ ।

ତେଣୁ, ସେମାନଙ୍କର ନିଜ ଅବସ୍ଥାର ଉନ୍ନତି ଘଟାଇବା, ଆପଣାର ଜ୍ଞାନପରିଧିକୁ ବଢ଼ାଇବା, ଆପଣାର ଅଧିକାରଗୁଡିକର ପୂରଣ ଦିଗରେ ସକ୍ରିୟ ହେବା ଏବଂ ଯେଉଁସବୁ ଦ୍ରବ୍ୟର ଉତ୍ପାଦନରେ ସେମାନଙ୍କର ଏପରି ଏକ ମହତ୍ତ୍ୱପୂର୍ଣ୍ଣ ଭାଗ ରହିଛି, ମାଲିକମାନେ ସେଗୁଡିକ ଯଥାର୍ଥଭାବରେ ବ୍ୟବହାର କରନ୍ତୁ ବୋଲି ଦାବି କରିବା ଏହାକୁ ହିଁ ଶ୍ରମିକମାନଙ୍କର ବୃହତ୍ତମ ରାଜନୀତିକ ଅବଦାନ ବୋଲି କୁହାଯାଇ ପାରିବ । ଶ୍ରମିକମାନେ ନିଜକୁ ଆଂଶିକ ଭାବରେ ଉତ୍ପାଦନ ପ୍ରକ୍ରିୟାର ମାଲିକ ଓ ପରିଚାଳନାର ଭୂମିକାକୁ ଉନ୍ନୀତ କରାଇ ନିଅନ୍ତୁ, ଏହାକୁ ହିଁ ସେମାନଙ୍କର ଯଥାର୍ଥ ବିକାଶ ବୋଲି ଗ୍ରହଣ କରାଯାଉ । ତେଣୁ, ବର୍ତ୍ତମାନ ପାଇଁ, କେବଳ ଶ୍ରମିକମାନଙ୍କର ଅବସ୍ଥାର ପ୍ରତ୍ୟକ୍ଷ ଉନ୍ନତିସାଧନ କରାଇବା ନିମନ୍ତେ ହିଁ ଧର୍ମଘଟକୁ ଏକ କାର୍ଯ୍ୟକ୍ରମ ରୂପେ ଗ୍ରହଣ କରାଯାଉ ଏବଂ ଯେତେବେଳେ ସେମାନେ ଦେଶପ୍ରେମର ଭାବନାରେ ଉଦ୍‌ବୁଦ୍ଧ ହେବାକୁ ସମର୍ଥ ହେବେ, ସେତେବେଳେ ସେମାନେ ଉତ୍ପାଦନ କରୁଥିବା ଦ୍ରବ୍ୟଗୁଡିକର ଦରଗୁଡିକ ନିର୍ଦ୍ଧାରଣ କରିବାରେ ଅଂଶ ଗ୍ରହଣ କରି ପାରିବା ଲାଗି ଧର୍ମଘଟ କରନ୍ତୁ ।

# ରାମ ରାବଣ ଯୁଦ୍ଧର ପ୍ରଥମ ଦିନ



## ଡ଼ଃ ପ୍ରମୋଦ କୁମାର ପଣ୍ଡା

**ଭ**ଗବାନ ରାମ ଏବଂ ରାବଣ ମଧରେ ମାନ୍ୟତା ଅନୁସାରେ ଆଠ ଦିନ ଯୁଦ୍ଧ ହୋଇଥିଲା । ଆରମ୍ଭ ଆଶ୍ୱିନ ଶୁକ୍ଳ ପକ୍ଷ ତୃତୀୟା ଦିନ । ସମାପ୍ତି ଦୁଷ୍କର୍ମୀ ରାବଣର ଅନ୍ତ ସହିତ ଦଶମୀ, ଯାହା ବିଜୟା ଦଶମୀ ଭାବେ ପରିଚିତ । ଏ ଯୁଦ୍ଧ ଲଢ଼ାଯାଇଥିଲା ରାବଣର ଅଘୋର ଅତ୍ୟାଚାର ସମାପ୍ତ କରିବାକୁ । ଯୁଦ୍ଧରେ ନିଜର ସମସ୍ତ ମାୟାବୀ ଶକ୍ତିର ଉପଯୋଗ ହାତଛଡା କରି ନ ଥିଲେ ହେଁ ଶେଷରେ ପରାଜିତ ହୋଇଥିଲା ରାବଣ ।

ରାମ ରାବଣ ପ୍ରଥମ ଦିନର ଯୁଦ୍ଧ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା । ସକାଳ ଦିନର ପରିଚାୟକ ଭଳି ପ୍ରଥମ ଦିନର ଯୁଦ୍ଧ ନିର୍ଦ୍ଧାରିତ କରିଥିଲା ଅନ୍ତିମ ବିଜୟ କାହାର ହେବ । ପ୍ରଥମ ଦିନରେ ହିଁ ରାବଣର ଅନେକ ଯୋଦ୍ଧା ବୀରଗତିକୁ ପ୍ରାପ୍ତ ହୋଇଥିଲେ ।

ରାବଣ ସେନାର ଏକ ମହାବଳ ଯୋଦ୍ଧା ବଜ୍ରମୁଷ୍ଟି, ରାକ୍ଷସ ମାଲ୍ୟବାନର ପୁତ୍ର ଏବଂ ରାବଣର ମାମୁଁ । ରଣକ୍ଷେତ୍ରରେ ପ୍ରଥମ ଦିନର ପ୍ରଥମ ଯୋଦ୍ଧା । ଅତ୍ୟନ୍ତ ନିର୍ଦ୍ଦୟ । ଅସଂଖ୍ୟ ସାଧାରଣ ବାନର ସୈନିକଙ୍କୁ ବଧ କରି ବିଚରଣ କରୁଥାଏ ରଣଭୂମିରେ । କିଷ୍କିନ୍ଧ୍ୟା ନରେଶ ସୁଗ୍ରୀବଙ୍କ ହାଠାତ ଦୃଷ୍ଟି ପଡେ ତାରି ଉପରେ । ନିରୀହ ବାନର ସୈନିକଙ୍କୁ ଅକାରଣ ହତ୍ୟା ନକରି ଆହ୍ୱାନ କରନ୍ତି ତାକୁ ନିଜ ସହିତ ଯୁଦ୍ଧ କରିବାକୁ । ତାଙ୍କ ଚୁନୋତି ସ୍ୱୀକାର କରେ ବଜ୍ରମୁଷ୍ଟି । ଭୀଷଣ ଯୁଦ୍ଧ ହୁଏ ଉଭୟଙ୍କ ମଧରେ । ପ୍ରଥମେ ଗଦା ଯୁଦ୍ଧ । ତପରେ ମଲ୍ଲ ଯୁଦ୍ଧ । ମହାରାଜ ସୁଗ୍ରୀବ ମଲ୍ଲ ଯୁଦ୍ଧରେ ଅତ୍ୟନ୍ତ କୁଶଳୀ ଥିଲେ । ଘମାଘୋଟ ଯୁଦ୍ଧ ପରେ ଅକ୍ଳେଶରେ ପରାଜିତ ହୁଏ ବଜ୍ରମୁଷ୍ଟି ସୁଗ୍ରୀବଙ୍କ ହାତରେ ।

ଦୁର୍ମୁଖୀ ରାବଣ ସେନାର ଅନ୍ୟ ଏକ ମହାଭ୍ରଷ୍ଟ ଯୋଦ୍ଧା । ପ୍ରଥମ ଦିନ ଯୁଦ୍ଧର ସେନାନାୟକ । ଆସୁରୀ ଶକ୍ତି ପରିପୂର୍ଣ୍ଣ ବଜ୍ରମୁଷ୍ଟିର ଭାଇ । ବିକଟାଳ ଚେହେରା । ଯମରାଜଙ୍କ ସଦୃଶ ମୁହଁ । ରାବଣ ପାଇଁ ସେ ଥିଲା ଏକ ମହା ଭୟଙ୍କର ଯୋଦ୍ଧା । ଯୁଦ୍ଧ କ୍ଷେତ୍ରରେ ତାର ପାଲା ପଡେ ପବନ ପୁତ୍ର ବଜରଙ୍ଗବଳୀ ହନୁମାନଙ୍କ ସହିତ । ହନୁମାନଙ୍କୁ ଦେଖୁଦେଖୁ ଦୁର୍ମୁଖୀ ଜାଣିଯାଏ ଇଏ ସେହି ବାନର ଯିଏ ସ୍ୱର୍ଣ୍ଣିମ ଲଙ୍କାକୁ ନିଜର ପୁଚ୍ଛାଗ୍ନିରେ ଜଳାଇ ଭସ୍ମୀଭୂତ କରିଥିଲା । ପୁଚ୍ଛାଗ୍ନି ସ୍ମରଣ ମାତ୍ରେ ଦୁର୍ମୁଖୀର କ୍ରୋଧାଗ୍ନି ପ୍ରଜ୍ୱଳିତ ହେବାକୁ ଲାଗେ । ବିନା ବିଚାରରେ ଅଗ୍ରସର ହୁଏ ହନୁମାନଙ୍କ ସହିତ ଯୁଦ୍ଧ କରିବାକୁ । ଉଭୟଙ୍କ ମଧରେ ଘନଘୋର ଯୁଦ୍ଧାରମ୍ଭ ହୁଏ । ଗଦା ଯୁଦ୍ଧ, ମଲ୍ଲ ଯୁଦ୍ଧ । କିଛିକ୍ଷଣର ଯୁଦ୍ଧ ଉପରାନ୍ତେ ଦୁର୍ମୁଖୀକୁ ଅନୁମିତ ହୁଏ ହନୁମାନଙ୍କ ଆସୀମିତ ଶକ୍ତି । ପ୍ରତିହତ କରିବାକୁ ଅକ୍ଷମ ଦୁର୍ମୁଖୀର ଅନ୍ତ ହୁଏ ସୂର୍ଯ୍ୟ ଶିଷ୍ୟ ହନୁମାନଙ୍କ ହାତରେ । ଗୁପ୍ତଚର ଶୁକ ଦୁର୍ମୁଖୀ ବଧ ସୂଚନା ଦିଏ ରାବଣକୁ । ନିଜର ପ୍ରିୟ ପୁତ୍ର ଅକ୍ଷୟ କୁମାରର ହତ୍ୟାକାରୀ ଦୁର୍ମୁଖୀକୁ ବଧ କରିଥିବା ଜାଣି ଅତ୍ୟନ୍ତ କ୍ରୋଧାନ୍ୱିତ ହୁଏ ରାବଣ ।

ମାୟାବୀ ଧନୁର୍ବିଦ୍ୟା ନିପୁଣ ପ୍ରହସ୍ତ ମଧ ପ୍ରଥମ ଦିନର ରାମ ରାବଣ ଯୁଦ୍ଧରେ ଅବତୀର୍ଣ୍ଣ ହୁଏ । ରାମାୟଣର ଭିନ୍ନ ଭିନ୍ନ ସଂସ୍କରଣରେ ପ୍ରହସ୍ତର ଅଲଗା ଅଲଗା ବର୍ଣ୍ଣନ ମିଳେ । ବାଲ୍ମୀକି ରାମାୟଣ ଅନୁସାରେ ପ୍ରହସ୍ତ ରାବଣର ମାଁ କୈକେଶୀର ଭାଇ । ରାବଣର ମାମା । ସୁମାଳୀ ଓ କେତୁମତିର ଦୁର୍ଦ୍ଧର୍ଷ ଦଶ ଭାଇମାନଙ୍କ ମଧରୁ ଅନ୍ୟତମ । ରଣକ୍ଷେତ୍ରରେ ତାକୁ ଦେଖି ଲକ୍ଷ୍ମଣ ମଧ ଭ୍ରମରେ ପଡନ୍ତି । ତାଙ୍କୁ ଲାଗେ ବୋଧେ ସ୍ୱୟଂ ରାବଣ ଯୁଦ୍ଧକ୍ଷେତ୍ରରେ ଉପନୀତ । ରାମ ଭକ୍ତ ବିଭୀଷଣ ତାର ପରିଚୟ ପ୍ରଦାନ କରନ୍ତି । ବିକଟ ପ୍ରହସ୍ତ ସହିତ ଯୁଦ୍ଧ କରିବା ସାଧାରଣ ସୈନିକଙ୍କ କ୍ଷମତା ବାହାରେ । ଦିନକରେ ସେ ସମଗ୍ର ବାନରସେନାକୁ ଅନ୍ତ କରିବାକୁ ସକ୍ଷମ । ବିଭୀଷଣ ନିକଟରୁ ପ୍ରହସ୍ତର ପରାକ୍ରମ ଅବଗତ ହେବା ପରେ ଲକ୍ଷ୍ମଣ ତାକୁ ଆହ୍ୱାନ କରନ୍ତି ତାଙ୍କ ସହ ଯୁଦ୍ଧ କରିବାକୁ । ବୀରକୁମାର ଦ୍ୱୟଙ୍କ ମଧରେ ଘମା ଘୋଟ ଲଢେଇ ଚାଲେ । ଯୁଦ୍ଧ ହୁଏ । ଲକ୍ଷ୍ମଣଙ୍କ ପ୍ରାଣଘାତୀ ଶର ଚାଳନାର ସମ୍ମୁଖୀନ କରିପାରେନାହିଁ ପ୍ରହସ୍ତ । ଶେଷରେ ତାର ଅନ୍ତ ହୁଏ । ଅହଙ୍କାର ଚୂର୍ଣ୍ଣ ହୁଏ ।

ପ୍ରହସ୍ତର ପରାଜୟ ଓ ମୃତ୍ୟୁ ଖବରରେ ଶୋକାଗ୍ରସ୍ତ ରାବଣ ନିଜେ ରଣକ୍ଷେତ୍ରରେ ଅବତୀର୍ଣ୍ଣ ହେବାର ନିର୍ଣ୍ଣୟ ନିଏ । ରାକ୍ଷସ ଖର ପୁତ୍ର ଏହା ଶୁଣି ପିତୃହନ୍ତା ରାମଚନ୍ଦ୍ରଙ୍କ ମୁଣ୍ଡ କାଟି ତା ମାତା କୋଳରେ ଅର୍ପଣ କଲେ ତାର ପ୍ରତିଶୋଧ ପୂର୍ଣ୍ଣ ହେବ କହି ତାକୁ ଯୁଦ୍ଧ କରିବାକୁ ରଣଭୂମିକୁ ପ୍ରେରଣ କରିବା ଆଜ୍ଞା ମାଗେ । ରାବଣ ଖୁସି ଖୁସି ତାକୁ ଯୁଦ୍ଧ କରିବାର ଅନୁମତି ପ୍ରଦାନ କରେ ।

ଯୁଦ୍ଧ କ୍ଷେତ୍ରରେ ଅବତୀର୍ଣ୍ଣ ହେବାପରେ ସେ ପ୍ରଭୁ ରାମଚନ୍ଦ୍ରଙ୍କୁ ଖୋଜିବାକୁ ଲାଗେ । କିନ୍ତୁ ତାର ଦେଖା ହୁଏ ଲକ୍ଷ୍ମଣଙ୍କ ସହିତ । ଲକ୍ଷ୍ମଣଙ୍କ ଲଲକାରକୁ ଅଣଦେଖା କରି ରାମଙ୍କ ସହ ଯୁଦ୍ଧ କରିବାର ଜିଦ ଧରେ । ରାମଙ୍କୁ ହତ୍ୟା କରି ପିତୃଋଣ ପରିଶୋଧ କରିବ କୁହେ । ତା କଥା ଶୁଣି ଲକ୍ଷ୍ମଣ ଏବଂ ବିଭୀଷଣ ତାର ଉପହାସ କରନ୍ତି । ଠିକ ସେହି ସମୟରେ ପ୍ରଭୁ ରାମଚନ୍ଦ୍ର ସେଠି ଉପସ୍ଥିତ ହୁଅନ୍ତି । ମକରାକ୍ଷକୁ ତାର ପରିଚୟ ମାଗନ୍ତି । ମୁଁ ସେହି ବୀର ପିତାର ପୁତ୍ର ଯାହାକୁ ତୁ ପଞ୍ଚାବଟୀରେ ହତ୍ୟା କରିଥିଲୁ । ପିତୃହତ୍ୟାର ପ୍ରତଶୋଧ ନେବାକୁ ମୁଁ ରଣାଙ୍ଗନରେ ଅବତୀର୍ଣ୍ଣ । ମୁଁ ତୋ ସହ ଯୁଦ୍ଧ କରିବି । ତାର ଯୁଦ୍ଧ ଡାକରା ସାହସ୍ୟ ସ୍ୱୀକାର କରନ୍ତି ରାମଚନ୍ଦ୍ର । ଯୁଦ୍ଧରେ ଅତି ସହଜରେ ମକରାକ୍ଷର ସମସ୍ତ ବାଣ ନିଷ୍ଫଳ କରନ୍ତି । ମକରାକ୍ଷ ନିଜ ସମସ୍ତ ଆସୁରୀ ଓ ମାୟାବୀ ଶକ୍ତିର ଉପଯୋଗ କରେ । ପରନ୍ତୁ ପରିଶେଷରେ ତାର ମୁକ୍ତି ହୁଏ ରାମଚନ୍ଦ୍ରଙ୍କ ଶ୍ରୀହସ୍ତରେ । ବୀରଗତିକୁ ପ୍ରାପ୍ତ ହୁଏ ମକରାକ୍ଷ ।

ରାମ ରାବଣ ପ୍ରଥମ ଦିନର ଯୁଦ୍ଧ ଥିଲା ଅତ୍ୟନ୍ତ ଭୟାବହ । ରାବଣ ସେନାର ଦୁର୍ଦ୍ଧାନ୍ତ ମାୟାବୀ ରାକ୍ଷସ ବୀର ବଜ୍ରମୁଷ୍ଟି, ଦୁର୍ମୁଖୀ, ପ୍ରହସ୍ତ ଏବଂ ମକରାକ୍ଷର ବିନାଶ ହୁଏ । ଯୁଦ୍ଧରେ ପ୍ରଭୁ ରାମଙ୍କ ଅନ୍ତିମ ବିଜୟର ସଂକେତ ମିଳେ ।

ଏହି ଯୁଦ୍ଧ ପ୍ରକୃତରେ ରାମ ରାବଣର ଯୁଦ୍ଧ ନୁହେଁ । ଧର୍ମ ଏବଂ ଅଧର୍ମର ଯୁଦ୍ଧ । ପାପ ଏବଂ ପୁଣ୍ୟର ଯୁଦ୍ଧ । ଧର୍ମ ଯୁଦ୍ଧରେ ଅନେକ ସଙ୍କଟ ଏବଂ ବିପରୀତ ପରିସ୍ଥିତି ସୃଷ୍ଟି ହେଲେ ମଧ ଅନ୍ତିମରେ ଅଧର୍ମ ପରାଜିତ ହୁଏ । ପାପର ବିନାଶ ଘଟେ । ତ୍ରେତୟାରେ ମଧ ଠିକ ସେଇୟା ହେବା ନିଶ୍ଚିତ । ବିଧିର ବିଧାନ । ଈଶ୍ୱରଙ୍କ ଇଙ୍ଗିତ । ଆନ ହେବାର ନାହିଁ ।

ଜୀବନ ବି ସେମିତି ଏକ ଯୁଦ୍ଧ । ଆମେ ସମସ୍ତେ ଜୀବନ ଯୁଦ୍ଧର ଜଣେ ଜଣେ ଯୋଦ୍ଧା । ନିଜକୁ ରାମ ସେନାରେ ସାମିଲ କରିବା ନା ରାବଣ ସେନାରେ ତାହା ଆମ ଉପରେ ନିର୍ଭର କରେ ।

**ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର**

# ପୁନଶ୍ଚ ଗନ୍ଧମାର୍ଦ୍ଦନ

## ଡ଼.ନାମଯଜ୍ଞ ମିଶ୍ର

**ବ**ର୍ତ୍ତମାନ ପଶ୍ଚିମ ଓଡ଼ିଶାର ଜୀବନ ନାଟିକା ସଦୃଶ ଅବସ୍ଥିତ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ସକାଶେ ଜନ ଆନ୍ଦୋଳନ ମୁଣ୍ଡ ଟେକିଛି । ଆଗରୁ ଏପରି ଘଟିଥିଲା 'ବାଲ୍‌କୋ' ଆନ୍ଦୋଳନ ସମୟରେ । ଏପରି ପରିପ୍ରେକ୍ଷୀରେ ସାମାନ୍ୟ ପର୍ଯ୍ୟାଲୋଚନାର ଆବଶ୍ୟକତା ରହିଛି । କାରଣ ଏହି ଐତିହାସିକ ପର୍ବତ ଐତିହ୍ୟ, ସାଂସ୍କୃତିକ ଚେତନା ଏବଂ ଭୌଗଳିକ ଅବସ୍ଥିତି ଅତ୍ୟନ୍ତ ପ୍ରାଚୀନ ଓ କେବଳ ଓଡ଼ିଶା ନୁହେଁ ସାରା ଭାରତ ବର୍ଷର ସାଂସ୍କୃତିକ ପ୍ରାକୃତିକ ଓ ଭେଷଜ ସଂପଦ ଭାବରେ ଅତୀବ ଗୁରୁତ୍ୱପୂର୍ଣ୍ଣ ।

ପୁରାଣରୁ ଜଣାଯାଏ ବ୍ରହ୍ମା ମେଦ ମେଦା ମେଦିନୀ ବା ଏଇ ପୃଥିବୀ ସୃଷ୍ଟି କଲାପରେ ତାହା ସ୍ଥିର ନ ରହିବାରୁ ତାର ସ୍ଥିରତା ପାଇଁ ଅଷ୍ଟଗିରି ରୋପଣ କରିଥିଲେ । ଭାରତର ମଧ ଦେଶରେ ବିନ୍ଧ୍ୟଗିରି ଓ ଉତ୍ତର ଦେଶରେ ହିମାଚଳ ତନ୍ମଧରେ ଅନ୍ୟତମ । ବିନ୍ଧ୍ୟଗିରି ବା ବିନ୍ଧ୍ୟାଚଳର ଅସୀମ ବୃଦ୍ଧି ସୂର୍ଯ୍ୟଙ୍କର ଗତାଗତକୁ ପ୍ରତିହତ କରିବାରୁ ଦେବଗଣଙ୍କର ଅନୁରୋଧରେ ମହାତେଜା ସାଗର ଶୋଷଣ କାରୀ ମହର୍ଷି ଅଗସ୍ତି ଆସିଲେ । ତାଙ୍କୁ ଦେଖି ବିନ୍ଧ୍ୟାଚଳ ପ୍ରଣାମ କଲା ବେଳେ ଋଷି ଅଗସ୍ତି କହିଲେ, ମୁଁ ଦକ୍ଷିଣା ପଥରୁ ଫେରିବା ପର୍ଯ୍ୟନ୍ତ ସେହିପରି ରହିଥାଅ, ନଚେତ୍ ଧୂଳିସାତ ହେବୁ । କହିବା ବାହୁଲ୍ୟ ଯେ ଅଗସ୍ତି ଋଷି ଦକ୍ଷିଣାଞ୍ଚଳରେ ଜ୍ଞାନ, ବିଜ୍ଞାନ ଓ ସଭ୍ୟତାର ବିସ୍ତାରରେ ରହି ଆଉ କେବେ ଏହିପଥ ଦେଇ ଫେରି ନ ଥିଲେ ଏବଂ ଦେବତାତ୍ମା ହିମାଳୟକୁ ଅତିକ୍ରମ କରି ଥିବା ସୁଉଚ୍ଚ ବିନ୍ଧ୍ୟାଚଳ ସେହିପରି ଅନୁଚ୍ଚ ରହିଗଲା । ବିନ୍ଧ୍ୟପର୍ବତ ଅନୁଚ୍ଚ ରହିବା ଫଳରେ ଏହାର ଦକ୍ଷିଣପୂର୍ବ ଭାଗ ଦେଶ ଅତିବୃଷ୍ଟି, ଅନାବୃଷ୍ଟି, ଭୂକମ୍ପ ଆଦିର ଶିକାର ହେବାରୁ ଜନତା ତ୍ରାହି ତ୍ରାହି ଡାକିବାରୁ ଲୋକଙ୍କ ଭୟ ନିବାରଣାର୍ଥେ କୋଶଳ ରାଜ ଚକ୍ରବର୍ତ୍ତୀ ମହାରାଜ ଦିଲ୍ଲୀପ ପରିମଳ ଭୂମିକୁ ତପସ୍ୟାରେ ଆସି ଗୁରୁ ବଶିଷ୍ଟଙ୍କ ଆଦେଶରେ ଗୋମାତା ନନ୍ଦିନୀଙ୍କର ସେବାରେ ନିୟୋଜିତ ଥିବାବେଳେ ସିଂହ ଆକ୍ରମଣରୁ ଗୋମାତାଙ୍କ ସୁରକ୍ଷା ପାଇଁ ନିଜକୁ ଅର୍ପଣ କରିବାରୁ ସିଂହ ଇକ୍ଷ୍ୱାକୁ କୁଳର ଇଷ୍ଟ ଦେବ ପ୍ରଭୁ ନରସିଂହ ରୂପ ଧାରଣ କରି ତାଙ୍କୁ ଅଭୟବର ଓ ପୁତ୍ରପ୍ରାପ୍ତି ବର ପ୍ରଦାନ କରିବାରୁ ଚକ୍ରବର୍ତ୍ତୀ ଦିଲ୍ଲୀପ ସେଇସ୍ଥାନ ରେ ହିଁ ପ୍ରଭୁ ନୃସିଂହ ନାଥଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କଲେ । କିନ୍ତୁ ସେଇ ବନଭୂମି କ୍ରମଶଃ ନିମ୍ନଗାମୀ ହେଉଥିବାରୁ ଚିନ୍ତା ପ୍ରକଟ କଲେ । ପ୍ରଭୁ ନୃସିଂହ ନାଥ ତାଙ୍କୁ କହିଲେ, ଚିନ୍ତା କର ନାହିଁ, ତୁମ ବଂଶଜ ଶ୍ରୀରାମଚନ୍ଦ୍ର ଯିଏ କି ବିଷ୍ଣୁଙ୍କ ଅବତାର । ସେ ତାଙ୍କର ଦାସ ମହାବଳୀ ହନୁମାନ ଦ୍ୱାରା ଏଠାରେ ହିଁ ଭୂମିର ସ୍ଥିରତା ଓ ଶସ୍ୟଶ୍ୟାମଳା ପୂର୍ଣ୍ଣ ଧରଣୀ ରଚନା ପାଇଁ । ଗନ୍ଧମାର୍ଦ୍ଦନ ପର୍ବତ ସ୍ଥାପନ କରି ସୁରକ୍ଷା ଦେବେ । ଏହା ବିହେଲା । ଲଙ୍କାରେ ରାମରାବଣ ଯୁଦ୍ଧ ସମୟରେ ଇନ୍ଦ୍ରଜିତର ଏକଘନୀ ଶୂଳାଘାତରେ ଲକ୍ଷ୍ମଣ ମୃତ୍‌ବତ୍ ପଡି ରହିବା ପରେ ଜାମ୍ବବ ଓ ସୁଷେଣଙ୍କ ପରାମର୍ଶରେ ମହାବଳୀ ହନୁମାନ ରାତ୍ରକ ମଧରେ ହିମାଳୟ ଚୁଡାରୁ ଉପାଡି ଆଣିଲେ ଶୃଙ୍ଗରାଜ ଗନ୍ଧମାର୍ଦ୍ଦନକୁ ଯହିଁରେ ନାନାବିଧ ଆଲୋକିତ ଭେଷଜ ମଧରେ ଥିଲା । ମୃତ ସଂଜୀବନୀ, ବିଶଲ୍ୟକରଣୀ, ସୁବର୍ଣ୍ଣ କରଣୀ ଓ ସଂଧାନୀ, ମୃତ ସଂଜୀବନୀ ଜୀବନ ଦାନଦିଏ, ବିଜାଲ୍ୟ କରଣୀ ସର୍ବ ପ୍ରକାର ବିଷ, ଆଘାତକୁ ଭଲ କରେ । ସୁବର୍ଣ୍ଣ କରଣୀ ଲୁହାକୁ ସୁନାରେ ପରିଣତ କରେ ଏବଂ ମାନବ ଶରୀରରେ ଅପୂର୍ବ ତେଜ ଓ କାନ୍ତି ଭରିଦିଏ । ସଂଧାନୀ ଉଜ୍ୱଳ ଭେଷଜ । ଏହାକୁ ଅନ୍ଧାରରେ ରଖିଲେ ବି ଯୋଜନ ଦୂରାନ୍ତରର ବସ୍ତୁ ଦେଖାଯାଏ ଏବଂ ମାନବ ଶରୀରରେ ଥୋଇଲେ ଏହାର ଅଭ୍ୟନ୍ତରର ଅଙ୍ଗ ପ୍ରତ୍ୟଙ୍ଗ, ନାଡି, ଶିରା, ହୃଦଯନ୍ତ୍ରାଦିର କ୍ରିୟା ପ୍ରକ୍ରିୟା ସହଜରେ ଜାଣିହୁଏ । ଲକ୍ଷ୍ମଣ ବିଶଲ୍ୟକରଣୀ ପ୍ରଭାବରେ ସୁସ୍ଥ ହେବା ପରେ ଏ ଭେଷଜ ଗିରିକୁ ନିଜ ବଂଶର ଇଷ୍ଟଦେବ ନୃସିଂହ ନାଥଙ୍କ ପୃଷ୍ଠ ପଟରେ ପ୍ରଭାମଣ୍ଡଳ ପରି ସ୍ଥାପନ କରିବାକୁ କହନ୍ତେ ବଜରଙ୍ଗବଳୀ ହନୁମନ୍ତ ଗନ୍ଧମାର୍ଦ୍ଦନକୁ ଆଣି ନୃସିଂହ ପୀଠ ପୃଷ୍ଠରେ ଲଗାଇ ସ୍ଥାପନ କରି ଗଲେ । କହିବା ଅନାବଶ୍ୟକ ଯେ ଏହି ଇକ୍ଷ୍ୱାକୁ ବଂଶୀୟ ଚକ୍ରବର୍ତ୍ତୀ ରଘୁରାଜ ଏହି ନୃସିଂହ ନାଥଭ୍‌କୁ ଉପାସନା ଏକ ମଣ୍ଡପରେ ନିଜ ଶତ ଅଶ୍ୱମେଧ ଯଜ୍ଞାନ୍ତରେ ବାନପ୍ରସ୍ଥ କାଳରେ ପଞ୍ଚ ଯଜ୍ଞ ତପୋବନରେ ଦାରୁବ୍ରହ୍ମ' ରୂପେ ପ୍ରତିଷ୍ଠିତ କରିଥିଲେ । ଦାରୁବ୍ରହ୍ମ ତନ୍ତ୍ର ଓ ସ୍କନ୍ଦ ପୁରାଣରେ ଏହା ଉଲ୍ଲେଖ ଅଛି । ରାଘବାଙ୍କ ବସୁ ସଂଖ୍ୟନି ମାଧବ ମାସ ସଂଯୁକ୍ତ, ବିଶ୍ୱ ଦେବା ତିଥି ଯୁକ୍ତଂ ଦାରୁବ୍ରହ୍ମ ପ୍ରତିଷ୍ଠିତମ୍ । ରଘୁ ରାଜାଙ୍କର ଅଷ୍ଟମ ଅଙ୍କରେ ଚୈତ୍ର ମାସରେ ଶୁକ୍ଳ ଦଶମୀ ବା ବାସନ୍ତିକ ଦଶହରା ଦିନ ସାଗର କୂଳ ନୀଳ ପର୍ବତରେ ଦାରୁରୂପୀ ନୃସିଂହ ନାଥ ବା ପୁରୁଷୋତ୍ତମଙ୍କୁ ସ୍ଥାପନ କରିଥିଲେ । ବିଷ୍ଣୁଙ୍କ ଦଶାବତାର ମଧରୁ ସିଂହ ମୁଖି ହେଲେ ହେଁ ମତ୍ସ୍ୟ, କଚ୍ଛ ବରାହ ପରେ ପ୍ରଥମ ମାନବ ଅବତାର ହେତୁ ନୃସିଂହ ଅବତାରଙ୍କୁ 'ପୁରୁଷୋତ୍ତମ' ଆଖ୍ୟା ଦିଆଯାଏ । ମଣିଷ ଶ୍ରୀ ନୀଳ ମାଧବଙ୍କୁ ଦର୍ଶନ ପାଇ ବ୍ୟାକୁଳ ଇନ୍ଦ୍ରଦ୍ୟୁମ୍ନଙ୍କୁ ବ୍ରହ୍ମା ଓ ନାରଦ ଏଠାରେ ଯଜ୍ଞ କରିବାକୁ କହିବାରୁ ସେହି ଯଜ୍ଞ କୁଣ୍ଡରେ ଶ୍ରୀଜଗନ୍ନାଥ ତାଙ୍କୁ ନୃସିଂହ ପ୍ରଭୁ ଭାବରେ ଦର୍ଶନ ଦେଇଥିବା ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି । ଆସ୍ତେ ଦୁର୍ଯ୍ୟତ୍ର ବସତି କୃଷ୍ଣାଗୁରୁ ତରୋ ରଧଃ, ସର୍ବାପଦଭୟ ସଂହର୍ତ୍ତା, ଦିବ୍ୟ ସିଂହ ତନୁ ର୍ବିଭୁଃ । ଆଜିବି ମହାପ୍ରଭୁ ଜଗନ୍ନାଥ, ଶ୍ରୀ ନୃସିଂହ ଗାୟତ୍ରୀ ମନ୍ତ୍ରରେ ସଂପୂଜିତ । ତେଣୁ କୁହାଯାଏ 'ନୃସିଂହ ନାଥ ହିଁ ଜଗନ୍ନାଥ । ତେଣୁ କୁହାଯାଇ ପାରେ ସମଗ୍ର ବିଶ୍ୱବନ୍ଦିତ ବିଶ୍ୱ ବିନ୍ଦିତ ଶ୍ରୀଜଗନ୍ନାଥଙ୍କ ଆଦି ପୀଠ ଗନ୍ଧମାର୍ଦ୍ଦନ ର ଉନ୍ମୁଳନ ହେଲେ ଓଡ଼ିଶା କାହିଁକି ଭାରତ ବର୍ଷର ସାଂସ୍କୃତିକ ଉନ୍ମୁଳ ନ ହେବ ନାହିଁ କି ?

**ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ**

## ଆଜିର ଚିନ୍ତନ

**ପ**ରମେଶ୍ୱରଙ୍କ ସୃଷ୍ଟି ସର୍ବଶ୍ରେଷ୍ଠ ଜୀବ ମନୁଷ୍ୟ କାଳର ଚିର ଅଧୀନ ଅଟେ । ଯେପରି ନିର୍ଦ୍ଧାରିତ ସମୟରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ହୋଇଥାଏ, ଠିକ୍ ସେହିପରି ପ୍ରତ୍ୟେକ ମନୁଷ୍ୟର ଆବିର୍ଭାବ ଓ ତିରୋଧାନ ମଧ ଘଟିଥାଏ । ଯଦି କେହି ଅପରାଧ ଓ ଅପକର୍ମ କରି ଅଭିଶପ୍ତ ହୁଏ, ତେବେ ତାଙ୍କର ଅକାଳ ମୃତ୍ୟୁ ମଧ ହୋଇଯାଏ । ଯିଏ ବଦଭ୍ୟାସଗତ ଓ ଇନ୍ଦ୍ରିୟାସକ୍ତ ହୋଇ ଅଖାଦ୍ୟ ଓ ନିଶା ସେବନ କରେ, ତାଙ୍କର ମଧ ଅକାଳ ବିୟୋଗ ହୋଇଥାଏ । କେବଳ ପରମାତ୍ମାଙ୍କ କୃପାରୁ ହିଁ ଜୀବ ଅଧିକ ଦିନ ବଞ୍ଚି ରହି ପାରେ ଏବଂ ଅମର ମଧ ହୋଇପାରେ । ଯେପରିକି ଅଶ୍ୱ ।ମା, ପ୍ରଭୁ ହନୁମାନ ଓ ମାର୍କଣ୍ଡ ଋଷି ପ୍ରମୁଖ ଆଜି ବି ଅମର । ପିତାମହ ଭୀଷ୍ମ ମଧ ଇଚ୍ଛାମୃତ୍ୟୁ ବରପ୍ରାପ୍ତ ଥିଲେ । କେବଳ ଈଶ୍ୱର ଚାହିଁଲେ ଆମେ ହଜାର ହଜାର ବର୍ଷ ମଧ ଜୀବିତ ରହି ତାଙ୍କରି କାର୍ଯ୍ୟ କରିପାରିବା ଅନ୍ୟଥା ନୁହେଁ । ଈଶ୍ୱରଙ୍କ କୃପାପ୍ରାପ୍ତ ମହାପୁରୁଷଗଣ ମଧ କୌଣସି ମୃତ ବ୍ୟକ୍ତିଙ୍କୁ ନିଜ ଆୟୁଷ ଦାନ କରି ପୁନର୍ଜୀବିତ କରିପାରନ୍ତି, ଯେପରି ନିଗମାନନ୍ଦ ପରମହଂସ ଏକ ବୃଦ୍ଧାର ମୃତ ପୁତ୍ରକୁ ପୁନର୍ଜୀବିତ କରିଥିଲେ । ଅବଶ୍ୟ ଏହା ପରେ ନିଗମାନନ୍ଦ ପରମହଂସ ଇହଲୀଳା ସମ୍ବରଣ କରିଥିଲେ । ଏହାର କାରଣ ତାଙ୍କ ଆୟୁଷକୁ ସେ ଦାନ କରିଦେଇଥିଲେ । ଏହା କିନ୍ତୁ ସାଧାରଣ ମନୁଷ୍ୟ ପକ୍ଷରେ ସମ୍ଭବପର ନୁହେଁ । ଏହି ମର ସଂସାରରେ 'ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ' ଅଟେ । କୌଣସି ଡାକ୍ତର କିମ୍ବା ଔଷଧ ଆପଣଙ୍କ ପରମାୟୁକୁ ବୃଦ୍ଧି କରିପାରିବ ନାହିଁ । ସୁତରାଂ, ପ୍ରତ୍ୟେକ ମନୁଷ୍ୟ ନିଜର ସୀମିତ ଆୟୁଷର ସିଂହଭାଗକୁ ଆଳସ୍ୟ, ପରନିନ୍ଦା, ଅଧିକ ଶୟନ ଓ ପଞ୍ଚେନ୍ଦ୍ରିୟ ସୁଖପ୍ରାପ୍ତିରେ ନଷ୍ଟ କରିଦେବା ଉଚିତ୍ ନୁହେଁ । ସମୟ ଆମକୁ ଅପେକ୍ଷା କରି ରହିବନାହିଁ । ଆମେ ଈଶ୍ୱରଙ୍କ ପ୍ରଦତ୍ତ ଆମ ମୂଲ୍ୟବାନ ସମୟର ପ୍ରତ୍ୟେକଟି ମୁହୂର୍ତ୍ତକୁ ସଦ୍ ଉପଯୋଗ କରି ଆମ ମନୁଷ୍ୟ ଜନ୍ମକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ ରୂପକ ଚତୁଃବର୍ଗ ଫଳପ୍ରାପ୍ତି ନିମିତ୍ତ ଉତ୍ସର୍ଗ କରିବା ଉଚିତ । ଅନ୍ୟଥା ଆମକୁ ନିରନ୍ତର ଜନ୍ମମୃତ୍ୟୁ ଚକ୍ରରେ ଘାଣ୍ଟି ହେବାକୁ ପଡିବ ।

## ଆରଡି ରାସ୍ତାର ଉଦଘାଟନ କଲେ ବିଧାୟକ



ଝାରସୁଗୁଡ଼ା : ଲଇକେରା ବ୍ଲକ ବାବୁଛିପିଡିହି ପଞ୍ଚାୟତ ଅନ୍ତର୍ଗତ ହୁଡୁକୁଡିହି ଠାରୁ ସୀମାନ୍ତରେ ଧରୁଆଡିହି ପର୍ଯ୍ୟନ୍ତ ନିର୍ମିତ ରାସ୍ତା ବିଧାୟକ ଟଙ୍କଧର ତ୍ରିପାଠୀ ଉଦଘାଟନ କରିଛନ୍ତି । ଜିଲ୍ଲା ଖଣିଜ ପାଣ୍ଠିରୁ ୧ କୋଟି ୩୩ ଲକ୍ଷ ୩୩ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ଲାଗି ବ୍ୟବସ୍ଥା କରାଯାଇଥିଲା । ଏହି ଅବସରରେ ଦଳୀୟ ନେତ୍ରୀ ତଥା ସରପଞ୍ଚ ସୁକାନ୍ତୀ ଜୟପୁରିଆ, କୁଳମଣି ଡନସେନା, ମୌଜିଲାଲ ଡନସେନା, ମନମୋହନ କଂସରାଳି, ପ୍ରଦୀପ ପ୍ରଧାନ, ନବୀନ କର୍ତ୍ତା, ବିନୋଦ ବୁଦୁଲା, ନବୀନ ବୁଦୁଲା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ଦେବଗଡ଼ ପୌରାଧକ୍ଷା ପଦଚ୍ୟୁତ

ଦେବଗଡ଼ : ଦେବଗଡ଼ ପୌରାଧକ୍ଷା ଶାନ୍ତିମଞ୍ଜରୀ ଦେଈଙ୍କୁ ରାଜ୍ୟ ସରକାର ପଦଚ୍ୟୁତ କରିଛନ୍ତି । ତାଙ୍କ ବିରୋଧରେ ଏକାଧିକ ଅନିୟମିତତା ଅଭିଯୋଗ ହୋଇଥିଲା । ୭ ଜଣ ବିଜେପି କାଉନସିଲର ଓ ଜଣେ ସ୍ୱାଧୀନ କାଉନସିଲର କରିଥିବା ଅଭିଯୋଗ ଆଧାରରେ ରାଜ୍ୟ ସରକାରଙ୍କ ପୌରାଧକ୍ଷାଙ୍କୁ ନୋଟିସ ଜାରି କରିଥିଲେ । ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ନଭେମ୍ବର ୧୧ ତାରିଖରେ କୈଫିୟତ ତଲବ କରିଥିଲେ । ପୌରାଧକ୍ଷା ମାସିକ ପରିଷଦ ବୈଠକ ଡାକୁନାହାନ୍ତି ଓ ପୌର ପରିଷଦର ବିନା ଅନୁମୋଦନରେ ମୁକ୍ତା ଯୋଜନାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା । ଏହାର ତଦନ୍ତ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌରାଧକ୍ଷାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଜିଲାପାଳ ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ । ଅଧକ୍ଷା ଜାଣିଶୁଣି ସରକାରୀ ନୀତିନିୟମ ଉଲଂଘନ କରିଥିବା ସମ୍ପର୍କରେ ଜିଲାପାଳଙ୍କ ତଦନ୍ତ ରିପୋର୍ଟରୁ ରାଜ୍ୟ ସରକାର ଅବଗତ ହୋଇଥିବା ଜଣାପଡ଼ିଛି । ଜିଲାପାଳଙ୍କ ସୁପାରିଶ ଆଧାରରେ ପୌରାଧକ୍ଷାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।





## ଉତ୍କର୍ଷ ଓଡ଼ିଶାରେ ଏମସିଏଲ ପ୍ରଦର୍ଶନୀ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର : ମହାନଦୀ କୋଲ ଫିଲ୍ଡସ ଲିମିଟେଡ (ଏମସିଏଲ) ଉତ୍କର୍ଷ ଓଡିଶା -୨୦୨୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏହାର ପ୍ରଦର୍ଶନୀରେ ଆତିଥ୍ୟ ଦେବାର ଗୌରବ ହାସଲ କରିଛି । ପ୍ରଧାନମନ୍ତ୍ରୀଙ୍କୁ କୋଲ୍ ଇଣ୍ଡିଆର ଅଧକ୍ଷ ପିଏମ୍ ପ୍ରସାଦ ଏବଂ ଏମସିଏଲର ସିଏମ୍‌ଡି ଉଦୟ ଅନନ୍ତ କାଓଲେ ସ୍ୱାଗତ କରିଥିଲେ । ଗସ୍ତ ସମୟରେ ଶ୍ରୀ କାଓଲେ ପ୍ରଧାନମନ୍ତ୍ରୀଙ୍କୁ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିରେ ଏମସିଏଲର ଗୁରୁତ୍ୱପୂର୍ଣ୍ଣ ଅବଦାନ ଏବଂ ସ୍ଥାୟୀ କୋଇଲା ଖଣି ଅଭ୍ୟାସ ପ୍ରତି କମ୍ପାନୀର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ । କୋଲ୍ ଇଣ୍ଡିଆ ଏବଂ କୋଇଲା ମନ୍ତ୍ରଣାଳୟ ଅଧୀନରେ ଅଗ୍ରଣୀ କୋଇଲା ଉତ୍ପାଦନକାରୀ କମ୍ପାନୀ ଭାବରେ ଏମସିଏଲ ଦାୟିତ୍ୱପୂର୍ଣ୍ଣ ଶକ୍ତି ଉତ୍ପାଦନରେ ନେତୃତ୍ୱ ନେଇ ଚାଲିଛି । ପ୍ରଧାନମନ୍ତ୍ରୀ ମୋଦି ମହାନଦୀ କୋଲ ଫିଲ୍ଡସର ଲୋକ-କେନ୍ଦ୍ରିକ ପଦକ୍ଷେପ ବିଶେଷକରି ଖଣି ଉତ୍ତୋଳନକାରୀ ଦଳରେ ମହିଳାମାନଙ୍କ ସଂପୃକ୍ତିକୁ ନେଇ ଆଗ୍ରହ ପ୍ରକାଶ କରିଥିଲେ । ପାରମ୍ପରିକ ଭାବରେ ପୁରୁଷ-ପ୍ରଧାନ ଶିଳ୍ପରେ ମହିଳାମାନଙ୍କ ସଶକ୍ତିକରଣକୁ ପ୍ରସାରିତ କରୁଥିବା ଏହି ପଦକ୍ଷେପ ଖଣି କ୍ଷେତ୍ରରେ ଲିଙ୍ଗ ଅନ୍ତର୍ଭୁକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସ୍ଥାୟୀ ଖଣି ଅଭ୍ୟାସ ଉପରେ ଧ୍ୟାନ ଦେଇ ଏମସିଏଲ ପରିବେଶ ସଂରକ୍ଷଣ ଏବଂ ସମ୍ପ୍ରଦାୟ କଲ୍ୟାଣରେ ଯୋଗଦାନ ଦେବା ସହିତ ଭାରତର ବର୍ଦ୍ଧିତ ଶକ୍ତି ଚାହିଦା ପୂରଣ କରିବାକୁ ପ୍ରତିବଦ୍ଧ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଖଣି କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ସଶକ୍ତିକରଣର ଗୁରୁତ୍ୱକୁ ଗୁରୁତ୍ୱାରୋପ କରିବା ସହ ଏମସିଏଲକୁ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧି ଏବଂ ଶକ୍ତି ସୁରକ୍ଷା ଦିଗରେ ଏହାର ଯାତ୍ରା ଜାରି ରଖିବାକୁ ପ୍ରେରଣା ଦେଇଥିଲା ।





# ସର୍ବେଦ

**ସୁରତି ଫଁସୀ ସଂସାର ମେଁ, ତା କହଁ ଲେହୁ ସମେଟ ।**
**ସ୍ଥିର ବାଁଧୋ ଲକ୍ଷ୍ୟ ମେଁ, ତ୍ୟାଗ ସକଲ ଜଗ ଏଁଟ ॥୧୮॥**

ଭାଷ୍ୟ - ସଂସାରରେ ଫଁଶି ରହିଥିବା ସୁରତିକୁ ଏକତ୍ର କରି ତଥା ସଂସାରର ସମସ୍ତ କୁଟିଳତାକୁ ତ୍ୟାଗକରି ତାକୁ ଗୁରୁ ପ୍ରଦେଶରେ ଦୃଢ଼କରି ବାନ୍ଧି ଦିଅନ୍ତୁ ।


**ସୁରତି ବିଖରି ସଂସାର ମେଁ, ତନ୍ମୟ ଜଗତ ସ୍ୱରୂପ ।**
**ସୁରତି ନିରୋଧ ସ୍ୱରୂପ ମେଁ, ଶୁଦ୍ଧ ପ୍ରକାଶ ଅନୂପ ॥୧୯॥**

ଭାଷ୍ୟ - ଆତ୍ମ-ଚେତନା ସଂସାରରେ ବ୍ୟାପ୍ତ ହୋଇ ଜଗତର ସ୍ୱରୂପ ବନିଯାଇଛି । ତାକୁ ନିଜ ସ୍ୱରୂପରେ ନିରୋଧ କରିବା ଦ୍ୱାରା ନିଜର ଶୁଦ୍ଧ ସ୍ୱରୂପ ପ୍ରକଟ ପ୍ରକାଶମାନ ପ୍ରାପ୍ତ ହୁଏ । ସୁରତିକୁ ଗୁରୁ ପ୍ରଦେଶରେ ସ୍ଥିର କଲେ ନିଜର ଚେତନ ସ୍ୱରୂପ ଦ୍ୱାରା ବ୍ରହ୍ମସତ୍ତାର ପ୍ରକଟ ଅନୁଭବ ହୋଇଥାଏ । ସେଥିପାଇଁ ସୁରତିକୁ ଚାରିଆଡୁ ଏକତ୍ର କରି ଗୁରୁ ପ୍ରଦେଶରେ ସ୍ଥିର କରନ୍ତୁ ।

**ଦୃଶ୍ୟ ରୂପ ସୁରତି ଭଈ, ପରମ ପୁରୁଷ ଭୟ ଦୂର ।**
**ସୁରତି ବାଁଧି ସ୍ଥିର କରୋ, ଶବ୍ଦ ସଦା ଭରପୂର ॥୨୦॥**

ଭାଷ୍ୟ - ସୁରତି ଆତ୍ମାର ଚେତନା ଅଟେ । ଚେତନା ଜଗତ ରୂପ ହୋଇଗଲା, ସୁତରାଂ ପରମ ପୁରୁଷ ମୋଠାରୁ ଦୂରେଇ ଗଲେ । ସେଥିପାଇଁ ସୁରତିକୁ ଧରି ଗୁରୁ ପ୍ରଦେଶରେ ସ୍ଥିର କରନ୍ତୁ । ସେପରି କରିବା ଦ୍ୱାରା ପୂର୍ଣ୍ଣ ସତ୍‌ପୁରୁଷଙ୍କର ପ୍ରାପ୍ତି ହେବ । ସୁରତି ଯୋଗ ଦ୍ୱାରା ନିଜର ଶୁଦ୍ଧ ସ୍ୱରୂପରେ ଆସେ ଏବଂ ସେହି ଶୁଦ୍ଧସ୍ୱରୂପ ସ୍ଥିର ହେବା ପରେ ଶବ୍ଦ ପରଂବ୍ରହ୍ମଙ୍କର ପ୍ରାପ୍ତି ହୋଇଥାଏ ।

**ଗୁରୁ ମଣ୍ଡଲ ମେଁ ପୈଠକର, ଅନ୍ତର ସୁମିରନ ସାଧ ।**
**ମନ ଓ୍ୱ ପ୍ରାଣ ଗୁରୁ ଯୁକ୍ତି ସେ,**




**ସନ୍ଧି ମେଁ ସ୍ଥିର ବାଁଧ ॥୨୧॥**

ଭାଷ୍ୟ - ଗୁରୁ ପ୍ରଦେଶରେ ସୁରତିକୁ ସ୍ଥିର କରି ମନ ତଥା ପ୍ରାଣକୁ ସଦ୍‌ଗୁରୁ ବିଧାନ ଦ୍ୱାରା ସନ୍ଧିସ୍ଥାନରେ ବାନ୍ଧିଦେଇ ଆତ୍ମା ଦ୍ୱାରା ପ୍ରଭୁଙ୍କର ସ୍ମରଣ କରନ୍ତୁ ।

**ଦ୍ୱାର ଧନୀ କେ ବୈଠ କର, ପୁଷ୍ପଦୀପ କେ ମାହିଁ ।**
**ଅକ୍ଷର ଅଜପା ପରଖିୟେ, ସୁମିରନ ପୁରୁଷ ମନାହିଁ ॥୨୨॥**

ଭାଷ୍ୟ - ପୁଷ୍ପଦ୍ୱୀପ ଭିତରେ ପୂର୍ଣ୍ଣ ଧନୀଙ୍କର ଦ୍ୱାରରେ ବସି ଅଜପା ଅକ୍ଷରକୁ ନିରୀକ୍ଷଣ କରି ପରମ ପୁରୁଷଙ୍କର ସ୍ମରଣ କରନ୍ତୁ ଯାହା ସ୍ୱାଭାବିକ ଭାବରେ ସ୍ୱତଃ ଧ୍ୱନି ହେଉଅଛି । ଯାହାକୁ ଜପା ଯାଏ ନାହିଁ, ତାକୁ ଅଜପା କହନ୍ତି । ଏଠାରେ ଗ୍ରନ୍ଥକାର ଅକ୍ଷରକୁ ଅଜପା ବୋଲି ଅଭିହିତ କରିଛନ୍ତି, ଯିଏ ନିଜର ମଣ୍ଡଳରେ ପ୍ରକାଶିତ ହେଉଛନ୍ତି ।

**ସୁମରିନ ସେ ସବ ଦୁଖ ଗୟେ, ସୁମିରନ ସେ ସୁଖ ହୋୟ ।**
**ସୁମିରନ ସେ ସବ କାମନା, ପୂରଣ ସୁମିରନ ସୋୟ ॥୨୩॥**

ଭାଷ୍ୟ - ସ୍ମରଣର ଏକ ସ୍ଥାନ ଅଛି, ଯେଉଁଠାରେ ସ୍ଥିର ହୋଇ ପ୍ରଭୁଙ୍କର ସ୍ମରଣ ହୋଇଥାଏ । ସ୍ମରଣ ଦ୍ୱାରା ସମସ୍ତ ଦୁଃଖ ଦୂର ହୋଇ ସୁଖ ପ୍ରାପ୍ତ ହୁଏ, ଯାହା ଫଳରେ ସମସ୍ତ କାମନାର ପ୍ରାପ୍ତି ହୋଇଥାଏ, ତାହା ପୂର୍ଣ୍ଣ ସ୍ମରଣ ଅଟେ ।

**କୋଟି ସିଦ୍ଧି ଦ୍ୟୁତି ହଁସ ମେଁ, ଜୋ ବୋହକ ମମ ଜ୍ଞାନ ।**
**ସୁମିରନ ନିଶିଦିନ କୀଜିୟେ, ଅନ୍ତର ମରମ ଠିକାନ ॥୨୪॥**

ଭାଷ୍ୟ - ସଦ୍‌ଗୁରୁଦେବଙ୍କର ସମସ୍ତ ଆଧ୍ୟାତ୍ମ ତତ୍ତ୍ୱର ଜ୍ଞାତାଙ୍କର ଶୁଦ୍ଧ ଆତ୍ମାରେ କୋଟି ସିଦ୍ଧିର ପ୍ରକାଶ ରହିଥାଏ । ଭିତର ଭେଦିକ ସ୍ଥାନରୁ ପରମ ପୁରୁଷଙ୍କର ନିଶିଦିନ ସ୍ମରଣ କରିବା ଉଚିତ ।

**ମନ ମାୟା କୋ ତ୍ୟାଗ କର, ବୈଠେ ପୁରୁଷ ଦୁଓ୍ୱାର ।**
**ସୁମିରନ ପ୍ରେମ ଉମଙ୍ଗ ମେଁ, ଓ୍ୱିରହୀ ଲଗନ ଅପାର ॥୨୫॥**

ଭାଷ୍ୟ - ପ୍ରଭୁଙ୍କର ବିୟୋଗୀ, ପ୍ରେମୀ ଅତ୍ୟନ୍ତ ପ୍ରେମରେ ଉଲ୍ଲସିତ ହୋଇ ମନ ଏବଂ ତାର ସମସ୍ତ ପ୍ରପଞ୍ଚାଦିକୁ ତ୍ୟାଗ କରି ପରୁଷଙ୍କର ଦ୍ୱାର ନିକଟରେ ବସି ତାଙ୍କର ସ୍ମରଣ କରେ ।

**ଚିତ୍ତଓ୍ୱୃତ୍ତି ଅନ୍ତର କରୋ, କାରଣ ମୂଳ ବିଲୀନ ।**
**ଜଡ଼ ସେ ଅଲଗ ହୈ ଚେତନା, ଶୁଦ୍ଧ ସୁରତି ଭୟ ମୀନ ॥୨୬॥**

ଭାଷ୍ୟ - ଚିତ୍ତର ବୃତ୍ତିଗୁଡ଼ିକୁ ଅନ୍ତର କରି ସେମାନଙ୍କର ମୂଳ କାରଣରେ ତାକୁ ବିଲୀନ କରି ଦେଲେ ଜଡ଼ ପ୍ରକୃତିରେ ଆତ୍ମାର ଚେତନା ଅଲଗା ହୋଇଯାଏ, ସେତେବେଳେ ଶୁଦ୍ଧ ସୁରତି ମୀନବତ୍ ପ୍ରଭୁଙ୍କର ଉପାସନା କରିବାରେ ଲାଗେ ।

**ଗୁରୁ ଓ୍ୱିଧାନ ଗୁରୁ ଯୁକ୍ତି ସେ, ଅଷ୍ଟ ଚକ୍ର ଫଂହରାୟ ।**
**ୟୋଗ କଲା ପରଓ୍ୱୀନ ହୈ, ୟୋଗୀ ଶବ୍ଦ ସମାୟ ॥୨୭॥**

ଭାଷ୍ୟ - ଯୋଗ ବିଦ୍ୟାର କଳାକୁ ଜାଣିଥିବା ଯୋଗୀ ସଦ୍‌ଗୁରୁ ନିୟମ ଅନୁସାରେ ତାହାର ଯୁକ୍ତିରେ ଆଠ ଚକ୍ରକୁ ପ୍ରଫୁଲ୍ଲିତ କରି ଶବ୍ଦ ମହାମଣ୍ଡଳରେ ପ୍ରବେଶ କରେ ।

**ମନ ଓ୍ୱ ପଓ୍ୱନ କୋ ପକଡ଼ କର, ୟୋଗ ଯୁକ୍ତି ସେ ବାଁଧ ।**
**ଚେତନ ଚେତନ ୟୋଗ ହୈ, ସୁରତି ନିରତି ରତ ସାଧ ॥୨୮॥**

ଭାଷ୍ୟ - ଯୋଗର ଉପାୟରୁ ମନ ତଥା ପବନକୁ ଧରି ବାନ୍ଧିରଖି ଅର୍ଥାତ୍ ସ୍ଥିର କରନ୍ତୁ ଓ ସୁରତି ନିରତି ସହିତ ଯୁକ୍ତ ହୋଇ ପ୍ରଯତ୍ନ କରନ୍ତୁ, ତେବେ ଆତ୍ମା ଏବଂ ପରଂବ୍ରହ୍ମଙ୍କର ସମ୍ବନ୍ଧ ହେବ । ଜୀବ ଓ ବ୍ରହ୍ମର ସମ୍ବନ୍ଧ ସଦ୍‌ଗୁରୁଙ୍କର ବିହଙ୍ଗମ ମାର୍ଗ ଦ୍ୱାରା ହୋଇଥାଏ ।

**ସହଜ ୟୋଗ ୟୋଗୀ କରେ, ଅନ୍ତର ସନ୍ଧି ଓ୍ୱିଓ୍ୱେକ ।**
**ସୁରତି ଶବ୍ଦ ମେଲା ଭୟା, ସନ୍ତ ପରମ ଗୁରୁ ଟେକ ॥୨୯॥**

ଭାଷ୍ୟ - ନିତ୍ୟ ଅନାଦି ସଦ୍‌ଗୁରୁ ଅବଲମ୍ବିତ ସହଜ ଯୋଗର ମାର୍ଗ ଦ୍ୱାରା ଯୋଗୀ ଅନ୍ତର ଚେତନ ଯୋଗର ବିବେକରୁ ସୁରତି ଓ ଶବ୍ଦ ପରମ ପୁରୁଷଙ୍କର ସମ୍ବନ୍ଧ କରିଥାଏ ।

**ନଓ୍ୱ ଦ୍ୱାର କୋ ବନ୍ଦକର, ଖୋଲୋ ଦଶଓ୍ୱା ଦ୍ୱାର ।**
**ଖିରକୀ ଏକାଦଶ ଖୁଲୀ, ଅଗ୍ର ପୁରୁଷ ଦରବାର ॥୩୦॥**

ଭାଷ୍ୟ - ଦୁଇ ଆଖି, ଦୁଇ କାନ, ଦୁଇ ନାକ, ମୁଖ, ଗୁହ୍ୟ ଆଉ ଲିଙ୍ଗ - ଏମାନଙ୍କୁ ନବଦ୍ୱାର କହନ୍ତି । ଦଶମ ଦ୍ୱାର ବ୍ରହ୍ମରନ୍ଧ୍ରକୁ କହନ୍ତି । ସୁରତି ଦ୍ୱାର ଏକାଦଶ ଝରକା ଅଟେ, ଯାହା ଦ୍ୱାରା ଆତ୍ମା ପ୍ରକୃତିଚକ୍ରକୁ ଛାଡ଼ି ପରମ ପୁରୁଷଙ୍କୁ ପ୍ରାପ୍ତ କରିଥାଏ । ଏକାଦଶ ଝରକା ଖୋଲିଯିବା ପରେ ହିଁ ଆଗକୁ ପରମ ପୁରୁଷଙ୍କର ଦର୍ଶନ ଏବଂ ପ୍ରାପ୍ତି ହୋଇଥାଏ । ଏକପାଦ ପ୍ରକୃତିମଣ୍ଡଳ ଅଟେ ଏବଂ ଏକାଦଶପାର ଅମୃତପୁରୀ, ତିନିପାଦ ଚେତନ ମହାମଣ୍ଡଳ ଅଟେ । ଅକ୍ଷରପାର ନିଃଶବ୍ଦ ପରମ ପୁରୁଷ ଅଟନ୍ତି । ଏକଦେଶୀ ଆତ୍ମାର ଚେତନଧାରା ହେବା କାରଣରୁ ପରମ ପୁରୁଷଙ୍କର ସ୍ଥାନ ବୋଲି କୁହାଯାଏ । ଅନୁଭବ, ଦର୍ଶନ ପରେ ବ୍ରହ୍ମସତ୍ତାର ପ୍ରକଟ, ସର୍ବତ୍ର ଅନୁଭବ ହେବାରେ ଲାଗେ । ଏହା ସମାଧି ବିଜ୍ଞାନର ଅନୁଭବ ଏବଂ ସାକ୍ଷାତ ଦର୍ଶନ ଅଟେ ।

# ଔଷଧରେ ଭରପୁର କଞ୍ଚାଲଙ୍କା

କଞ୍ଚାଲଙ୍କା ଖାଇବାକୁ କେହି କେହି ଖୁବ୍ ଭଲ ପାଉଥିଲେ ହେଁ କେହି କେହି ଏହାକୁ ରାଗ ଲାଗୁଥିବା ଯୋଗୁଁ କମ୍ ଖାଇଥାଆନ୍ତି । ଲଙ୍କା ରାଗ ସତ, କିନ୍ତୁ ଏହାର ଫାଇଦା ଅନେକ ।

କଞ୍ଚାଲଙ୍କାକୁ କୌଣସି ବ୍ୟଞ୍ଜନରେ ପକାଇ ଖାଇବା ଅପେକ୍ଷା ଅଲଗା ଭାବେ ଖାଇଲେ ଅଧିକ ଲାଭପ୍ରଦ ହୋଇଥାଏ । କଞ୍ଚାଲଙ୍କାରେ ଆଣ୍ଟି ଅକ୍ସିଡେଣ୍ଟ ରହିଥାଏ, ଯାହା ଶରୀରରୁ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ ।

ଯଦି ଆପଣଙ୍କୁ ମ୍ୟାଲେରିଆର ଜ୍ୱର ହୋଇଛି ତେବେ କଞ୍ଚାଲଙ୍କାର ମଞ୍ଜି ବାହାର କରି ଅଙ୍ଗୁଠିରେ ବାନ୍ଧିଦିଅନ୍ତୁ । ଏହାଦ୍ୱାରା ଜ୍ୱର ଆସିବା କିଛି ମାତ୍ରାରେ କମ୍ ହୋଇଯାଇଥାଏ ।

କଞ୍ଚାଲଙ୍କାରେ ଭିଟାମିନ୍ ସି ଥିବାରୁ ଏହା କ୍ୟାନ୍ସରରୁ ଦୂରେଇ ରଖିଥାଏ । ତେଣୁ ପ୍ରତିଦିନ ଖାଇଲା ବେଳେ କଞ୍ଚାଲଙ୍କା ଖାଇବାକୁ ଭୁଲନ୍ତୁ ନାହିଁ ।

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ କି ଯଦି ଶରୀରରେ କୌଣସି ସ୍ଥାନରେ ଜଳାପୋଡ଼ା ହେଉଛି ତେବେ ସେ ସ୍ଥାନରେ କଞ୍ଚାଲଙ୍କାକୁ ବ୍ୟବହାର କରିପାରିବେ । କିନ୍ତୁ ଆୟୁର୍ବେଦ ଅନୁସାରେ ଲଙ୍କାର ଏପରି କିଛି ଗୁଣ ରହିଛି, ଯାହା ଆମମାନଙ୍କୁ ଅଗୋଚର । କଞ୍ଚା



ଲଙ୍କାରେ ଟିକେ ପାଣି ଦେଇ ଏହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ଆପଣଙ୍କ ଶରୀରରେ ଜଳୁଥିବା ସ୍ଥାନରେ ଲଗାନ୍ତୁ । ଦେଖିବେ ଏଥିରେ ଥିବା ଆଣ୍ଟି ଅକ୍ସିଡେଣ୍ଟ କ୍ଷତକୁ ଭଲ କରି ଦେଇଥାଏ ।

ଯଦି ଆପଣ ଦୁଃଖରେ ଅଛନ୍ତି, ତେବେ କଞ୍ଚାଲଙ୍କା ଖାଆନ୍ତୁ । ଏହା ଶୁଣି ଆପଣଙ୍କୁ ହୁଏତ ବିଶ୍ୱାସ ନ ଆସିପାରେ କିନ୍ତୁ କଥାଟି ସତ । ଦୁଃଖରେ ଥିବା ସମୟରେ ଆପଣ ଯଦି ଲଙ୍କା ଖାଉଛନ୍ତି ତେବେ ଦେଖିବେ ଆପଣଙ୍କ ମନଖୁସି ହୋଇଯିବ ।

## ଟିକିଏ ହସନ୍ତୁ

ବାପା ମୁନାକୁ : ତୋର ଗଣିତରେ କେତେ ମାର୍କ ଆସିଛି ?
ମୁନା : ମୋର ମାର୍କସ ସାନଠୁ ୨୦ ମାର୍କ କମ୍ ।
ବାପା : ଆଚ୍ଛା ସାନୁ କେତେ ମାର୍କ ଆଣିଥିଲା ?
ମୁନା : ତା'ର ୨୦ ମାର୍କ ଆସିଥିଲା ।

× × × ×

ଲିପୁନ ସିପୁକୁ : ଜାଣିଛୁ ସାଙ୍ଗ ମୋ ମନ ଭାରି ଦୁଃଖ । କାଲି ମୁଁ ଏଇ ସାବୁନରେ ମୋ ସାର୍ଟ ସଫା କଲି ଯେ, ମୋ ସାର୍ଟ ଛୋଟ ହେଇଗଲା । ତାକୁ ମୁଁ ଆଉ ପିନ୍ଧିପାରିବିନି ।
ସିପୁ : ଏଥିରେ ମନ ଦୁଃଖ କରିବାର କ'ଣ ଅଛି ?
ଗୋଟେ କାମ କରେ ସେଇ ସାବୁନରେ ତୁ ନିଜେ ଗାଧୋଇପଡ । ତୁ ବି ଛୋଟ ହେଇଯିବୁ ।
ତୋ ସମସ୍ୟା ଦୂର ହେଇଯିବ ।



× × × ×

ରାଜେଶ ଗୋବିନ୍ଦକୁ : ତୋ ସାନ ଭାଇ ଏବେ କ'ଣ କରୁଛି ?
ଗୋବିନ୍ଦ : ଗୋଟେ ଦୋକାନ ଖୋଲିଥିଲା ।
ହେଲେ ଏବେ ସେ ଜେଲରେ ଅଛି ।
ରାଜେଶ : ଓଃ, ହେଲେ ଜେଲରେ କାହିଁକି ?
ଏମିତି କୋଉ ଦୋକାନ ଖୋଲିଥିଲା କି ?
ଗୋବିନ୍ଦ : ସେ ମାଧବର ଦୋକାନକୁ ହାତୁଡିରେ ଭାଙ୍ଗିକି ଖୋଲିଥିଲା

× × × ×

ଟ୍ରେନରେ ଯିବା ସମୟରେ ଟିଟି ପିଣ୍ଟୁକୁ ଅଟକାଇଦେଲେ ।
ଟିଟି : ଜଲଦି ଟିକେଟ୍ ଦେଖାଅ ।
ପିଣ୍ଟୁ : ଆରେ ମୁଁ ତ ଟ୍ରେନରେ ଆସିନି ଟିକେଟ ଦେଖେଇବି କେମିତି ?
ଟିଟି : କି ପ୍ରମାଣ ଅଛି ତୁମେ ଟ୍ରେନରେ ଆସିନ ବୋଲି ?
ପିଣ୍ଟୁ : ଆରେ ଟିଟି ସାହାବ, ସବୁଠାରୁ ବଡ଼ ପ୍ରମାଣ ହେଲା ମୋ ପାଖରେ ଟିକେଟ ନାହିଁ ।

× × × ×

ଚିଣ୍ଟୁ : ଏବେ ଏତେ ମେଦବହୁଳତା ବଢ଼ିଗଲାଣି ଯେ ସେଥିପାଇଁ ବାହାର ଖାଇବା ବନ୍ଦ ।
ମିଣ୍ଟୁ : ସେଥିପାଇଁ ତ ମୁଁ ପ୍ୟାକ୍ କରିକି ଆଣିଛି, ସାଙ୍ଗ ହୋଇ ଖାଇବା ଚାଲ ।

× × × ×

ଭିକାରି : କିଛି ଖାଇବାକୁ ଦିଅ ।
ବ୍ୟକ୍ତି : ଆରେ ଭାଇ ଖାଲି ରୁଟି ଖାଇପାରିବ ?
ଭିକାରି : ହଁ ।
ବ୍ୟକ୍ତି : ତେବେ ତୁମେ କାଲିକି ଆସ ମୁଁ ତୁମକୁ ରୁଟି ଦେବି ।

## ପୁନଶ୍ଚ .... ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଏତଦବ୍ୟତୀତ ପୁରାଣରେ ବର୍ଣ୍ଣିତ ଅଛି ଆଦି ଅନାଦି ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କର ପିତାମାତା ଏଇ ପରିମଳ ଭୂମିରେ ବାସ କରୁଥିଲେ । ଏଠାରେ ହିଁ ଲକ୍ଷ୍ମୀ ପାର୍ବତୀ କଳି ଭଞ୍ଜନରେ ସଶ୍ୟରାଜ, ଧାନର ସୃଷ୍ଟି ବୋଲି ନବାନ୍ନ ପୁରାଣରେ ଉଲ୍ଲେଖ ଅଛି ଯାହାକି ପଶ୍ଚିମ ସଡ଼ିଶାର ମହାନପର୍ବ, 'ନୂଆଁଖାଇ' ତିହାର, ଉଦଗମ୍ ସ୍ରୋତ ଅଟେ । ଏହି ମହାନ୍ ଗିରିରେ ମୂଷିକାସୁରକୁ ବଧ କରିଥିଲେ ନୃସିଂହ ବିଡାଳ ନୃସିଂହ ରୂପରେ । ଏଠାରେ ରାବଣ ଓ ମାଳତୀ କନ୍ୟା, ବେଦମତୀ ଉପାଖ୍ୟାନରୁ ବିଲମ୍ବିତ ଜନକପୁରୀ ସୀତା ଜନ୍ମର ଐତିହସ୍ୟ ବିଦ୍ୟମାନ, ରାମାୟଣ ଯୁଗପରେ ପଞ୍ଚପାଣ୍ଡବଙ୍କ ବନବାସ, ଭୀମଧାର, ଚାଳଧାର, ଗୋମୁଖୀ ଗଂଗା ତୀର୍ଥ ସ୍ରୋତ ଓ ସହସ୍ର ଧାରାର ଜଳପ୍ରପାତ, ଗନ୍ଧଗିରି ଉଭୟ ପାର୍ଶ୍ୱରେ ନୃସିଂହ ନାଥ ଓ ହରିଶଙ୍କର, ଯେଉଁଠାରେ ମୋହିନୀ ରୂପୀ ବିଷ୍ଣୁଙ୍କୁ କୋଳାଗ୍ରତ କରି ଶଙ୍କର ମହାଦେବ, ପୂଜିତ ହେଉଛନ୍ତି ଶ୍ରୀ ବିଷ୍ଣୁ ଓ ଶ୍ରୀ ଶଙ୍କର ଭାବରେ ଏକତ୍ର ଶୈବ ଓ ବୈଷ୍ଣବ ଧର୍ମର ସମାନ୍ୱୟକରି, ଭାରତ ବର୍ଷରେ ଭାଗିରଥୀ ଗଙ୍ଗା ସଦୃଶ ଏ ତୀର୍ଥରେ ଗୋମୁଖୀ ଗଙ୍ଗାଙ୍କ ସ୍ରୋତ ରାଜସ୍ଥାନ ମଧପ୍ରଦେଶାଦି ପଶ୍ଚିମ ଭାରତ ପଶ୍ଚିମ ଦକ୍ଷିଣ ଓଡ଼ିଶା ଆନ୍ଧ୍ରର କତିପୟ ଜନତା ଓ ଜନଜାତି ପୂର୍ବ ପୁରୁଷର ଅସ୍ଥି ବିସର୍ଜନ କରି ଗଙ୍ଗାଫଳ ପାଏ ।

ଜୈନଯୁଗରେ କାଶୀ କୋଶଳର ଯୁବରାଜ ପାର୍ଶ୍ୱନାଥ ଓ ଦକ୍ଷିଣ କୋଶଳର ରାଜକନ୍ୟା । ପ୍ରଭାବତୀଙ୍କ ବିବାହ, ପରବର୍ତ୍ତୀ ସମୟରେ ପାର୍ଶ୍ୱନାଥ ତୀର୍ଥଙ୍କର ହେବା ଏବଂ ତାଙ୍କ ପ୍ରଚାରିତ ଜୈନଧର୍ମରେ ସାରା ଓଡ଼ିଶା, ମଧ ଓ ଉତ୍ତର ଭାରତ ଉବୁଯୁବୁ ହେବା ଓ ଜୈନ ରାଜ କେତୁ ଭଦ୍ରଙ୍କର ଜଗନ୍ନାଥଙ୍କୁ ଜିନ୍ ଭାବେ ଉପାସନା କରି ରଥଯାତ୍ରାର ପ୍ରଚଳନ ଆଦି ଅନେକ ଐତିହାସିକ ଶଙ୍ଖୁ ଏ ଗିରି ବହନ କରି ଆସିଛି । ବ୍ୟାସ ବାଲ୍ମିକୀ ଓ ଶୁଗ ଦେବ ଆଦି ମହାନ ତପସ୍ୱୀ ଓ ଆଜିବି ସାଧୁ ସୈନ୍ୟାସୀଙ୍କ ତପୋଭୂମି ଭାବେ ଏ ପରିମଳ ଗିରି ସୁବିଖ୍ୟାତ । ବୌଦ୍ଧ ଯୁଗରେ ବୁଦ୍ଧଙ୍କ ଆଗମନ ଏଠାରେ ଅବସ୍ଥାନ ଠାରୁ ନେଇ ମାଧମିକାଚାର ଶୂନ୍ୟ ବାଦର ପ୍ରବର୍ତ୍ତନ ନାଗାର୍ଜୁନ, ଇନ୍ଦ୍ରଭୁତି, ଦାରିକ୍ପଦା (ରାଜାବିମଳ ଚନ୍ଦ୍ର) ମତ୍ସ୍ୟେନ୍ଦ୍ରନାଥ, ଗୋରଖନାଥ ମତ୍ତମୟୂର ଗନ୍ଥ ପ୍ରବର୍ତ୍ତକ ଭୈରବନାଥ, ଦ୍ୱିତୀୟ ବୁଦ୍ଧ ପଦ୍ମ ସମ୍ଭବଙ୍କ ତପୋଭୂମି, ବୌଦ୍ଧବିହାର ଓ ପରିମଳ ବିଶ୍ୱବିଦ୍ୟାଳୟର ଅଗଣିତ ସ୍ମୃତି ଐତିହ୍ୟକୁ ନେଇ ଏଗିରି ଅବସ୍ଥିତ । ହୁଏନ୍‌ସାଙ୍ଗ୍ ଠାରୁ ଆରମ୍ଭ କରି ଡ. ନବୀନ କୁମାର ସାହୁଙ୍କ ପର୍ଯ୍ୟନ୍ତ ଅସଂଖ୍ୟ ବିଦ୍ୱାନ୍, ଐତିହାସିକ, ଦାର୍ଶନିକ ଏହାର ଗୁଣଗାନ କରି ଯାଇଛନ୍ତି । ସାଂପ୍ରତିକ କାଳରେ ଭାରତର ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, ମାଧୋ ସିଂ, ଆଦି ଓ ଚକରା ବିଶୋଇ ତଥା ଅନ୍ୟାନ୍ୟ ଅନେକ ଇଂରେଜ ବିରେଧୀ ବୀରଙ୍କର ଏହା ପବିତ୍ର ଆଶ୍ରୟସ୍ଥଳୀ, ଏପରି ଏକ ବହୁ ଐତିହ୍ୟ, ସଂସ୍କୃତି ପୂର୍ଣ୍ଣ ତୀର୍ଥସ୍ଥଳୀ ପ୍ରାକୃତିକ ଓ ଜୀବନ ଦାନୀ ଭେଷଜପରି ପୂର୍ଣ ଏବଂ ଯାହା ଅସଂଖ୍ୟ ପବିତ୍ର ଜଳାଧାର, ନଦନଦୀର ଜନ୍ମଦାତ୍ରୀ ପଶ୍ଚିମ ଓଡ଼ିଶାର ଜୀବନ ନାଟିକା ତାକୁ ଖନିଜ ଲୋଭରେ କାହା ହାତରେ ଟେକିଦେଲେ ନିଶ୍ଚୟ ସର୍ବନାଶ ହେବ । ତେଣୁ, ସାଧୁ, ସାବଧାନ । ଏହା ଜନଜାତି ପରିପୂର୍ଣ୍ଣ ଅଞ୍ଚଳ ଓ ଜୈବିକ ଜାତି କି ଜନତା ଏହାର ଖଣି ଖାଦାନ ସ୍ୱରୂପକୁ ଗ୍ରହଣ କରିବାକୁ କିମ୍ବା ଏହାର ପ୍ରାକୃତିକତାକୁ କ୍ଷତି ପହଞ୍ଚାଇଲେ କଦାପି ସହ୍ୟ କରିବେ ନାହିଁ ।

**ବରପାଲିପଡ଼ା, ବଲାଙ୍ଗୀର**

# ହଳଦୀର ଉପକାରିତା

**ସ**କାଳୁ ଉଠି ଉଷୁମ ପାଣିରେ ଯଦି ଆପଣ ଗୋଟିଏ ଚାମଚ ହଳଦୀ ପକାଇ ପିଇବେ ତାହା ଆପଣଙ୍କ ତ୍ୱଚା ପାଇଁ ଉପକାରୀ । ହଳଦୀରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ବହୁତ ରହିଥାଏ । ହଳଦୀ ପାଣି ସକାଳୁ ଥରେ ହିଁ ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ।

**ଛାତି ଜ୍ୱଳନ କମାଏ :** ଯେଉଁ ଲୋକଙ୍କୁ ସବୁବେଳେ ଛାତି ଜ୍ୱଳନ ହେଉଥାଏ ସେମାନେ ପ୍ରତିଦିନ ସକାଳୁ ଉଠିବା ପରେ ହଳଦୀ ମିଶ୍ରିତ ଉଷୁମ ପାଣି ପିଅନ୍ତୁ । ଏହା ଏକ ସପ୍ତାହରେ ପ୍ରଭାବ ଦେଖାଇବ ।

**ମାନସିକ ରୋଗର ଚିକିତ୍ସା:** ମାନସିକ ରୋଗରୁ ରକ୍ଷା ପାଇବା ପାଇଁ ବ୍ରେନ ଡିରାଇଭ୍ ନ୍ୟୁରୋଟ୍ରାଫିକ୍ ଫ୍ୟାକ୍ଟର ଆବଶ୍ୟକତା ହୋଇଥାଏ । ଏହା ହଳଦୀରେ ରହିଥିବା କୁର୍କମିନ୍ ତତ୍ତ୍ୱରୁ ମିଳିଥାଏ । ଏହାକୁ ସକାଳୁ ହଳଦୀ ପାଣି ପିଇଲେ ମସ୍ତିଷ୍କ ଫ୍ରେସ୍ ଓ ସକ୍ରିୟ ହୋଇଥାଏ ।

**କ୍ୟାନସରରୁ ମୁକ୍ତି :** ହଳଦୀ ପାଣିର ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରହିଛି । ଏହି ପାଣି ଶରୀରରେ କ୍ୟାନସର କୋଷିକାଗୁଡିକ ନଷ୍ଟ କରି ଦେଇଥାଏ ।

**ହଜମ କରାଏ :** ଖାଦ୍ୟ ହଜମ କରିବା ପାଇଁ ଉଷୁମ ପାଣିରେ ଲେମ୍ବୁ, ହଳଦୀ ପାଉଡର ସହିତ ମହୁ ମିଶାଇ ପିଅନ୍ତୁ । ଏହା ଶରୀରରୁ ବିଷାକ୍ତ ତତ୍ତ୍ୱ ସହଜରେ ବାହାର କରିଦିଏ ।


**ଗଠିଆ ରୋଗ :** ହଳଦୀ ପାଣି ଗଠିଆ ରୋଗ ଲାଗି ଭଲ କାମ କରିଥାଏ । ୨୦୧୨ ରେ ଏକ ସୋଧ ଅନୁସାରେ ହଳଦୀ ପାଣି ଶାରୀରିକ ଯନ୍ତ୍ରଣାରୁ ମୁକ୍ତ କରେ ।



**ହୃଦୟକୁ ମଜବୁତ କରେ :** ହଳଦୀ ପାଣି ପିଇଲେ ରକ୍ତ ସଫା ରହେ । ଏହା ବ୍ୟତୀତ ଏହା ରକ୍ତ ଧମନୀରେ ଜମାଟକୁ ମଧ ଦୂର କରିଥାଏ ।

**ଲିଭର ସୁରକ୍ଷା :** ହଳଦୀ ପାଣି ଟକ୍ସିକ୍ ଲିଭରକୁ ରକ୍ଷା କରିଥାଏ । କ୍ଷତିକାରକ ଲିଭର ସେଲ୍ସ ଓ ପିତ୍ତକୋଷକୁ କାମକୁ ଠିକ୍ କରିବାରେ ସହାୟକ ହୋଇଥାଏ ।

## ସ୍ୱାସ୍ଥ୍ୟକାରୀ ହଳଦୀ



ଆୟୁର୍ବେଦିକ ଚିକିତ୍ସା ପଦ୍ଧତିରେ ହଳଦୀକୁ ସର୍ବୋତ୍କୃଷ୍ଟ ପ୍ରାକୃତିକ ଜୀବାଣୁନାଶକ ଖାଦ୍ୟ ସାମଗ୍ରୀ ରୂପେ ବିବେଚନା କରାଯାଇଛି । କାରଣ ଏହାକୁ ଅନେକ ରୋଗର ଉପଚାର ପାଇଁ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ହଳଦୀ ଗଛର ହଳଦୀ ସହ ଏହାର ପତ୍ର ମଧ ସ୍ୱାସ୍ଥ୍ୟ ପାଇଁ ସଞ୍ଜିବନି ସମତୁଲ୍ୟ । କେବଳ ଔଷଧ ପ୍ରସ୍ତୁତିରେ ନୁହେଁ ବରଂ ରୋଷେଇ ଶାଳାରେ ମଧ ଏହାର ବହୁତ ପ୍ରୟୋଗ କରାଯାଇଥାଏ । ପ୍ରତ୍ୟେକ ଖାଦ୍ୟ ପଦାର୍ଥରେ ହଳଦୀର ଛିଟ୍କା ଖାଦ୍ୟକୁ ଆହୁରି ସ୍ୱାସ୍ଥ୍ୟକର କରିଥାଏ । ଏହା ବ୍ୟତୀତ ଧାର୍ମିକ ରୂପେ ମଧ ଏହାକୁ ବହୁତ ଶୁଭ ମନାଯାଏ । ବିଭାପୁଆଣିରେ ହଳଦୀର କିଛି ବିଶେଷ ମହତ୍ୱ ରହିଛି । ଏଥିରେ ଥିବା ଭିଟାମିନ୍, ମିନେରାଲ, ଖଣିଜ ଲବଣ, ପ୍ରୋଟିନ୍ ଶରୀରକୁ ଆବଶ୍ୟକୀୟ ପୋଷକତତ୍ତ୍ୱ ପହଞ୍ଚାଇଥାଏ, ଯାହା ମସ୍ତିଷ୍କକୁ ସନ୍ତୁଳିତ ରଖିଥାଏ । ଥଣ୍ଡା, କାଶ ଓ ଶାରିରୀକ ଯନ୍ତ୍ରଣା ଆଦିରେ ହଳଦୀର ବହୁଳ ବ୍ୟବହାର କରାଯାଏ । ଖାସ୍ କରି କ୍ଷୀରରେ ହଳଦୀ ସବୁଠାରୁ ଉତ୍ତମ ବୋଲି କୁହାଯାଇଥାଏ । ଏଥିପାଇଁ ପ୍ରତ୍ୟେକ ମା' ରାତିରେ ଶୋଇବା ପୂର୍ବରୁ ନିଜ ଝିଅ କିମ୍ବା ପୁଅକୁ ହଳଦୀ ଯୁକ୍ତ କ୍ଷୀର ଦେଇଥାନ୍ତି, ଯାହାକୁ ହିନ୍ଦୀରେ ହଲଦୀ କା ଦୁଧ୍ କୁହାଯାଏ । କାରଣ ଏହା ରୋଗ ସଂକ୍ରମଣରୁ ରକ୍ଷା କରିଥାଏ । ଉଭୟ ହଳଦୀ ଏବଂ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଉପଯୋଗ ହୋଇଥାଏ । ଉଭୟ ମିଶ୍ରଣରେ ପ୍ରସ୍ତୁତ ହଳଦୀ କ୍ଷୀର ସ୍ୱାସ୍ଥ୍ୟ ପାଇଁ କୌଣସି ଔଷଧ ଠାରୁ କମ୍ ନୁହେଁ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବା ସହ ରୋଗର ଆଶଙ୍କାକୁ କମ୍ କରିଥାଏ । ଏଣୁ ପ୍ରତ୍ୟେକ ବ୍ୟକ୍ତି ନିୟମିତ ରୂପେ ହଳଦୀକୁ ଖାଦ୍ୟ ରୂପେ ବ୍ୟବହାର କରିବା ଉଚିତ୍ ।

## ଆପଣ ଜାଣନ୍ତି କି ?

- କୋରିଆ ଏବଂ ଜାପାନରେ ଏକ ବିଲେଇ କାଫେ ଅଛି । ଯେଉଁଠି ଲୋକମାନେ ବିଲେଇଙ୍କ ସହିତ କଫି ପିଇଥାନ୍ତି ।
- ମରୁଭୂମିରେ ରହୁଥିବା ଅଧିକାଂଶ ଜୀବଜନ୍ତୁ ରାତିରେ ସକ୍ରିୟ ହୋଇଥାନ୍ତି । କାରଣ ରାତି ସମୟରେ ମରୁଭୂମି ଥଣ୍ଡା ହୋଇଯାଇଥାଏ ।
- ଅଟାକାମା ମରୁଭୂମି ଦୁନିଆର ସବୁଠୁ ଶାନ୍ତ ମରୁଭୂମି ।
- ପ୍ରତିବର୍ଷ ୧ ଲକ୍ଷ ସାମୁଦ୍ରିକ ଜୀବ ପ୍ଲାଷ୍ଟିକ ବ୍ୟାଗ୍ କାରଣରୁ ମୃତ୍ୟୁ ମୁହଁରେ ପଡୁଛନ୍ତି ।
- ୨୦୧୬ ରେ ଆମେରିକାରେ ଏଣ୍ଡ୍ରିୟୁ ଲରେନ୍ସ ନାମକ ଜଣେ ବ୍ୟକ୍ତି ମାରାଥନ ସମୟରେ ଏକ କିଲୋ କଦଳୀର ବେଶ୍ ପରିଧାନ କରି ୨ ଘଣ୍ଟା ୪୭ ମିନିଟ୍ ଏବଂ ୪୧ ସେକେଣ୍ଡ ଦୌଡି ଥିଲେ ।
- ଦୁନିଆରେ ୪୦ ପ୍ରତିଶତ ବାଦାମର ଉପଯୋଗ କେବଳ ଚକୋଲେଟ ତିଆରିରେ ହୋଇଥାଏ ।
- ଦୁନିଆର ସବୁଠୁ ବଡ଼ ଚକୋଲେଟ ବାର୍‌ର ଓଜନ ୫୭୯୨ କିଲୋଗ୍ରାମ ।
- ପ୍ରଥମ ବିଶ୍ୱ ଯୁଦ୍ଧରେ ୮ କୋଟି ଘୋଡ଼ା ମରିଥିଲେ । ଯେଉଁ ଘୋଡ଼ାଗୁଡିକ ବଞ୍ଚି ଯାଇଥିଲେ ସେମାନଙ୍କୁ ଅନୁପଯୁକ୍ତ ଘୋଷିତ କରାଯାଇ ବେଲଜିୟମର କଂସେଇ ଘରକୁ ପଠାଇ ଦିଆଯାଇଥିଲା ।
- ଘୋଡ଼ା ୪୦ ରୁ ୪୮ କି.ମି ବେଗରେ ଦୌଡିପାରେ । କିନ୍ତୁ ସବୁଠୁ କ୍ଷିପ୍ର ବେଗରେ ଦୌଡୁଥିବା ଘୋଡ଼ା ୭୦ ରୁ ୭୬ କି.ମି ବେଗରେ ଦୌଡେ । ଆମେରିକାନ କ୍ୱାର୍ଟର ନସ୍ଲ ଘୋଡ଼ା ସବୁଠୁ କ୍ଷିପ୍ର ବେଗରେ ଦୌଡିପାରେ ।

## କ୍ୟାନସର ଦୂର କରେ ପିଆଜ

**ପି**ଆଜ କ୍ୟାନସର ଆଶଙ୍କା କମ୍ କରେ । କୋଲୋରେକ୍ଟଲ କ୍ୟାନସର, ପେଟ କ୍ୟାନସର, ପ୍ରୋଷ୍ଟେଟ କ୍ୟାନସର ପାଇଁ ପିଆଜ ଲାଭଦାୟକ । ହୃଦ୍ ସମ୍ବନ୍ଧୀୟ ରୋଗ ଆଶଙ୍କାକୁ ମଧ କମାଇବାରେ ଏହା ସହାଯ୍ୟ କରେ । ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖିଥିବାରୁ ମଧୁମେହ ରୋଗୀଙ୍କ ପାଇଁ ଉପାଦେୟ ପିଆଜ । ଏହା ଅସ୍ଥି ମଜବୁତରେ ସହାୟକ ହୁଏ । ଏହା ଦ୍ୱାରା ଅଷ୍ଟିଓପୋରୋସିସରୁ ରକ୍ଷା ମିଳେ । ପିଆଜ ଖାଇବା ଦ୍ୱାରା ବ୍ୟାଡ୍ କୋଲେଷ୍ଟ୍ରଲ୍ କମ୍ ହୁଏ ।

# ଚିନି ବଢ଼ାଇପାରେ ବୟସ୍କଙ୍କ ସ୍ମୃତିଶକ୍ତି

ଏକ ଗବେଷଣାରୁ ଜଣାପଡିଛି ଯେ ଯେଉଁମାନେ କି ଅଧିକାଂଶ ସମୟରେ ଦୁର୍ବଳ ସ୍ମରଣଶକ୍ତିର ଶିକାର ହୋଇଥାନ୍ତି, ସେମାନଙ୍କ ପାଇଁ ଚିନି ବରଦାନ ସାବ୍ୟସ୍ତ ହୋଇପାରେ । ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ଏହା ସତ । ବୈଜ୍ଞାନିକଙ୍କ ଅନୁସାରେ, ପାଣିରେ ମାତ୍ର ଏକ ଚାମଚ ଚିନି ମିଶାଇ ସେବନ କଲେ ମସ୍ତିଷ୍କ ପୂର୍ବ ତୁଳନାରେ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ । ଏହାସହ ସ୍ମୃତିଶକ୍ତି ଦୃଢ଼ ହୋଇଥାଏ । ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ୱାରୱିକର ଗବେଷକଙ୍କ ଅନୁସାରେ, ୧ ଚାମଚ ଚିନି ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କୁ ମାନସିକ ଶାନ୍ତି ପ୍ରଦାନ କରି ସ୍ମରଣଶକ୍ତିକୁ ପ୍ରଖର କରିଥାଏ ।



ବୈଜ୍ଞାନିକଙ୍କ ଅନୁସାରେ, ଏହି ଗବେଷଣାର ନିଷ୍କର୍ଷ ସେଭଳି ବୟସ୍କ ବ୍ୟକ୍ତିଙ୍କ କାମରେ ଅଧିକ ଲାଭ ଦେଇପାରେ, ଯେଉଁମାନେ ନିଜ ମସ୍ତିଷ୍କର କାର୍ଯ୍ୟପ୍ରଣାଳୀକୁ ଉନ୍ନତ କରିବା ଦିଗରେ ପ୍ରୟାସ ଚଳାଇଛନ୍ତି । ଗବେଷଣାର ନିଷ୍କର୍ଷରେ ପହଞ୍ଚିବାକୁ ବୈଜ୍ଞାନିକମାନେ କିଛି ବୟସ୍କ ବ୍ୟକ୍ତିଙ୍କୁ ଗ୍ଲୁକୋଜ ମିଶା ପାଣି ପିଇବାକୁ ଦେଇଥିଲେ । ତା'ପରେ ସେମାନଙ୍କୁ କିଛି ପୂର୍ବକଥା ମନେପକାଇବା ଭଳି କାମ କରିବାକୁ ଦିଆଯାଇଥିଲା । ଶେଷରେ ଦେଖିବାକୁ ମିଳିଲା, ଗ୍ଲୁକୋଜ୍ ପାଣି ପିଇଥିବା ବ୍ୟକ୍ତିଙ୍କର ପୂର୍ବାପେକ୍ଷା ମସ୍ତିଷ୍କର କାର୍ଯ୍ୟପ୍ରଣାଳୀ ପ୍ରଖର ହୋଇଥିଲା ।

## କହିପାରିବେ କି ?

(୧) ଭାରତର ରାଜଧାନୀ ପୂର୍ବରୁ କେଉଁ ନଗର ଥିଲା ?
(୨) ପାକିସ୍ଥାନର ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଆନ୍ତର୍ଜାତିକ ସ୍ତରରେ କେଉଁ ଖେଳ ପାଇଁ ପ୍ରସିଦ୍ଧି ଲାଭ କରିଥିଲେ ?
(୩) ସୂର୍ଯ୍ୟଙ୍କ ଠାରୁ ଆସୁଥିବା କ୍ଷତିକାରକ ତେଜଷ୍କ୍ରିୟ ରଶ୍ମୀ କେଉଁ ଗ୍ୟାସ୍ ରକ୍ଷାକରେ ?
(୪) ଗଲ୍ସ ବ୍ଲାଡରରେ କ'ଣ ଜମା ହେଲେ ପଥୁରୀ ରୋଗ ହୁଏ ?
(୫) ମାଁ ବୈଷ୍ଣୋଦେବୀ ମନ୍ଦିର କେଉଁଠାରେ ଅଛି ?
(୬) ଦୌଡ ପ୍ରତିଯୋଗିତା ସମୟରେ ସ୍ପିଣ୍ଟରଙ୍କ ମାଧାକର୍ଷଣ କେନ୍ଦ୍ର କେଉଁଠାରେ ଥାଏ ?
(୭) ବିଶ୍ୱ ଫୁସ୍‌ଫୁସ୍ କର୍କଟ ଦିବସ କେବେ ପାଳନ କରାଯାଏ ?
(୮) ଯମୁନା ନଦୀର ଉତ୍ପତ୍ତୀ କେଉଁ ଠାରୁ ହୋଇଛି ?
(୯) ଅର୍ଜୁନ ପୁରସ୍କାର କେଉଁ କ୍ଷେତ୍ର ପାଇଁ ପ୍ରଦାନ କରାଯାଏ ?
(୧୦) କେଉଁ କ୍ରିକେଟିଅରଙ୍କ ଅଧିନାୟକତ୍ୱରେ ଭାରତ ୨୦୧୧ ଦିନିକିଆ ବିଶ୍ୱକପ୍ କ୍ରିକେଟ ମ୍ୟାଚ ଚମ୍ପିୟନ ହୋଇଥିଲା ?

### JUMBLE WORDS

| | | | |
|---|---|---|---|
| 1) TFYOR | = | 6) GYMGU | = |
| 2) TOHOT | = | 7) SLENET | = |
| 3) CANEEM | = | 8) VLVEEO | = |
| 4) CRYSUR | = | 9) TGEAN | = |
| 5) TWHIC | = | 10) RXYOP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. ମେଘାଳୟ, ୨. ଜୋଜିଲା ପାସ୍, ୩. ଶାହଜାହାନ୍, ୪. ନ୍ନି-ଡାକ୍, ୫. ବିକ୍ରମ ସରାଭାଇ, ୬. କ୍ୟାରିକାସ୍‌ଆବ୍ରିନ୍, ୭. ଏଥିଲିନ୍, ୮. ଅଶ୍ୱଗନ୍ଧା, ୯. ସାପୋନିନ୍, ୧୦. ବ୍ରାହ୍ମୀ ।

***Jumble Words*** ର ଉତ୍ତର **:-**

(1) SPLICE (2) HAIRDO (3) KNEEL (4) SPICY(5) THROWN
(6) SQUALL(7) SKIER (8) DRAWN (9) MOOLAH (10) CAJOLE

## ଗୋଲମରିଚର ଔଷଧୀୟ ଗୁଣ

ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଗୋଲମରିଚ ନିଜ ବ୍ୟଞ୍ଜନରେ ସାମିଲ କରିବା ସହ ପାନୀୟରେ ମଧ ଏହା ମିଶ୍ରଣ କରିବା ଲାଭଜନକ । ଏହା ଶରୀରରେ ବିଭିନ୍ନ ଉତ୍ତମ ପ୍ରଭାବ ପକାଇଥାଏ ।


ଦୈନିକ ସକାଳବେଳା ୧ ଗିଲାସ ନଖଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଗୋଲମରିଚ ମିଶା ଚା' ପିଇଲେ ପେଟସଫା ହେବା ସହ ସର୍ଦ୍ଦିରୁ ରକ୍ଷା ମିଳେ ।

## ହିଙ୍ଗୁ ପାଣିର ଫାଇଦା

**ପ୍ର**ତ୍ୟେକ ଭାରତୀୟଙ୍କ ରୋଷେଇରେ ହିଙ୍ଗୁର ପ୍ରୟୋଗ ହୋଇଥାଏ । ଗୋଟିଏ ପଟେ ଏହାକୁ ରୋଷେଇର ସ୍ୱାଦ ବଢ଼ାଇବାକୁ ବ୍ୟବହାର କରାଯାଉଥିବା ବେଳେ ଅନ୍ୟପଟେ ଏଥିରେ ଭରି ରହିଥାଏ ଅନେକ ସ୍ୱାସ୍ଥ୍ୟପ୍ରଦ ଗୁଣ । ଆୟୁର୍ବେଦ ଅନୁସାରେ, ପ୍ରତିଦିନ ଏକ ଗ୍ଲାସ ପାଣିରେ ଚିମୁଟାଏ ହିଙ୍ଗୁ ପକାଇ ସେବନ କଲେ ଶରୀରକୁ ଢ଼େର୍ ଫାଇଦା ମିଳିଥାଏ । ହିଙ୍ଗୁ ପାଣିରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି । ଏହା ପାଚନକ୍ରିୟାକୁ ଠିକ୍ ରଖିଥାଏ । ଏସିଡିଟି ମଧ ଦୂର କରିଥାଏ । ସବୁଠୁ ବଡ଼ କଥା ରକ୍ତରେ ଏହା ଶର୍କରା ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ । ମଧୁମେହ ଭଳି ସମସ୍ୟାରୁ ମଧ ଉପଶମ ପ୍ରଦାନ କରେ । ହିଙ୍ଗୁ ପାଣିରେ ଏଭଳି କିଛି ତତ୍ତ୍ୱ ରହିଛି, ଯାହା ପରିସ୍ରା ସମ୍ବନ୍ଧିତ ବିଭିନ୍ନ ସମସ୍ୟାରୁ ରକ୍ଷା କରିଥାଏ । ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ଆଜମାରୁ ରକ୍ଷାକରେ । ହିଙ୍ଗୁ ପାଣିରେ ଆଇରନ୍ ପ୍ରଚୁର ମାତ୍ରାରେ ଥାଏ । ଯାହା ଏନିମିଆ ରୋଗରୁ ରକ୍ଷାକରେ । ଏଥିରେ ଭରପୁର ଥିବା ଆଣ୍ଟିଅକ୍ସିଡାଣ୍ଟ ଦାନ୍ତ ମଜଭୁତ୍ କରିଥାଏ । ହିଙ୍ଗୁ ପାଣି ସେବନ ଦ୍ୱାରା ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ । ଥଣ୍ଡା, କାଶ ଜନିତ ସମସ୍ୟାରୁ ସହଜରେ ଉପଶମ ମିଳେ ।



# ସମ୍ବଲପୁରରେ ରାଜ୍ୟସ୍ତରୀୟ ପାଲା... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)
















































ପ୍ରାଧାପକ ଲକ୍ଷ୍ମୀନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପାନୀ ଉତ୍ସବରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟ ଅତିଥି ଓ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରଫେସର କାମଦେବ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଶିଷ୍ଟ ପାଲା ଗାୟିକା କୁମୁଦିନୀ ପଟେଲ ଏକ ଦେଶାତ୍ମବୋଧକ ସଂଗୀତ ଗାନ କଲା ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଦଳ ପାଲା ପରିବେଷଣ କରିଥିଲେ । ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାର ପାଲା ଗାୟକ ନବୀନ ଚନ୍ଦ୍ର ନାଏକଙ୍କୁ ଶ୍ରୀବତ୍ସ ପାଢ଼ୀ ସ୍ମୃତି ସମ୍ମାନ, କଟକର ପାଲା ଗାୟକ ଶରତ କୁମାର ଦଳେଇଙ୍କୁ ବାବାଜୀ ନାଥ ସ୍ମୃତି ସମ୍ମାନ, ସମ୍ବଲପୁର ଜିଲ୍ଲା ପାଲା ଗାୟକ କମଳାକାନ୍ତ ନାଏକଙ୍କୁ କୃଷ୍ଣଚନ୍ଦ୍ର ଦାସ ସ୍ମୃତି ସମ୍ମାନ, ବରଗଡ଼ ଜିଲ୍ଲାର ପାଲା ଗାୟକ ଶେଷଦେବ ଦନ୍ତାଙ୍କ ନବକୃଷ୍ଣ ଭୋଇ ସ୍ମୃତି ସମ୍ମାନ, ବଲାଙ୍ଗୀର ଜିଲ୍ଲାର ଗାୟକ ଦେବରାଜ ପଣ୍ଡାଙ୍କୁ ସ୍ୱର୍ଣ୍ଣ ପାଣିଗ୍ରାହୀ ସ୍ମୃତି ସମ୍ମାନ, ଝାରସୁଗୁଡ଼ା ଜିଲ୍ଲାର ପାଲା ଗାୟିକା ନଳିନୀ ପ୍ରଭା ଦାସଙ୍କୁ ସନ୍ଧ୍ୟାରାଣୀ ରାୟ ସ୍ମୃତି ସମ୍ମାନ, ସମ୍ବଲପୁର ଜିଲ୍ଲା ବିଶିଷ୍ଟ ପାଲା ଗାୟକ ରାଧେଶ୍ୟାମ ପଣ୍ଡାଙ୍କୁ ଜୟରାମ ମେଣ୍ଡଲୀ ସ୍ମୃତି ସମ୍ମାନ, ସୁବର୍ଣ୍ଣପୁର ଜିଲ୍ଲାର ବିଶିଷ୍ଟ ପାଲା ଗାୟକ ମାଗୁଣୀ ମହାକୁଡ଼ଙ୍କୁ ହାଡ଼ିବନ୍ଧୁ ପ୍ରଧାନ ସ୍ମୃତି ସମ୍ମାନ, କଟକର ଅନ୍ତର୍ଯ୍ୟାମୀ ପାଇକଙ୍କୁ ଶେଷ ଦେବ ନାଥ ସ୍ମୃତି ସମ୍ମାନ, ଝାରସୁଗୁଡ଼ା ଜିଲ୍ଲାର ପାଲା ଗାୟକ ଅଣ୍ଡାରାମ ଭୋଇଙ୍କୁ

## ‘ସ୍ୱୀକାର ପକ୍ଷରୁ ରାଜ୍ୟ ସ୍ତରୀୟ ପାଲା କଳାକାର ସମାବେଶ

ଗୌରହରି ସାହୁ ସ୍ମୃତି ସମ୍ମାନ, ବାୟକ କାଶୀନାଥ ଖମାରୀଙ୍କୁ ବିଦ୍ୟାଧର ଜୁଆଡି ସ୍ମୃତି ସମ୍ମାନ, ବାୟକ ବିପିନ ବାରିକଙ୍କୁ କପିଳ ସେଠ୍ ସ୍ମୃତି ସମ୍ମାନ, ଶ୍ରୀ ପାଲିଆ ଜନାର୍ଦ୍ଦନ ଚାନ୍ଦ (ଭରତ)ଙ୍କୁ ପଞ୍ଚାନନ ସେଠ୍ ସ୍ମୃତି ସମ୍ମାନ, ବାୟକ ଉପେନ୍ଦ୍ର ବାରିକଙ୍କୁ ଶତ୍ରୁଘ୍ନ ପୁରୋହିତ ସ୍ମୃତି ସମ୍ମାନ, ବାୟକ ଶ୍ରୀନିବାସ ଗୁରୁଙ୍କୁ ଟିଆଁ ବାହାକ ସ୍ମୃତି ସ୍ମମ୍ମାନ, ବାୟକ ଗୋକୁଳାନନ୍ଦ ପ୍ରଧାନଙ୍କୁ ପରିକ୍ଷିତ ଦେହୁରୀ ସ୍ମୃତି ସମ୍ମାନ, ଶ୍ରୀ ପାଲିଆ କୃଷ୍ଣଚନ୍ଦ୍ର ମାଝୀଙ୍କୁ ରଘୁ ସ୍ମୃତି ସମ୍ମାନ, ଶ୍ରୀ ପାଲିଆ ବିପିନ ସେଠଙ୍କୁ ଗଜପତି ସେଠ୍ ସ୍ମୃତି ସମ୍ମାନ, ବିଶିଷ୍ଟ ପାଲା ପ୍ରେମୀ ଧନୀରାମ ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଥିଲା ।







Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra